## ସଂକ୍ଷେପରେ

# ପ୍ରତିମୂର୍ତ୍ତି, ପାଚେରି ହଟାଇବା ପାଇଁ ଜିଲାପାଳଙ୍କୁ ଦାବିପତ୍ର

### ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ବିବାଦ

ରଘୁନାଥପୁର/ନାଉଗାଁ,୫।୮ (ଡି.ଏନ୍.ଏ./ସ୍ୱ.ପ୍ର.): ରଘୁନାଥପୁର ବ୍ଲକଛକସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ଓ ପାଚେରି ନିର୍ମାଣକୁ ଗୁରୁବାର ଜଗନ୍ନାଥପୁର ବଜାର କମିଟି ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ଦିଆଯାଇଛି। ଏହାଦ୍ୱାରା ପୂଜାମଣ୍ଡପ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ପାଞ୍ଚ ବଜାର କମିଟି ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରାଯାଇଛି। ଏନେଇ ପଦକ୍ଷେପ ନିଆ ନ ଗଲେ ବ୍ୟବସାୟୀମାନେ ଦୋକାନ ବନ୍ଦ କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଅଭିଯୋଗର ନକଲ ବିଡ଼ିଓ, ତହସିଲଦାର, ଏସ୍‌ପିଙ୍କୁ ଦିଆଯାଇଛି। ଅପରପକ୍ଷେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରଶ୍ମିରଞ୍ଜନ ସ୍ୱାଇଁ ଓ ଦେବୀପ୍ରସାଦ ମହାରଣାଙ୍କ ନେତୃତ୍ୱରେ ପ୍ରତିମୂର୍ତ୍ତି ସ୍ଥଳରେ ଧାରଣା ଜାରି ରହିଛି। କଂଗ୍ରେସ କର୍ମୀମାନେ ଏହାକୁ ସମର୍ଥନ ଜଣାଇଛନ୍ତି। ସେହିପରି ନାଉଗାଁ ବ୍ଲକରେ ନବନିର୍ମାଣ କୃଷକ ସଙ୍ଗଠନ ସଦସ୍ୟମାନେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରୁ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ହଟାଇବା ଦାବିରେ ବିରୋଧ କରିଛନ୍ତି। ନାଉଗାଁ ବଜାରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ବସି ସେମାନେ ପ୍ରତିବାଦ କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ରଶ୍ମିରେଖା ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଙ୍ଗଠନର ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ,ନବ କିଶୋର ମହାନ୍ତି, ଚତୁର୍ଭୁଜ ମହାନ୍ତି, ଭୋଳାନାଥ ସେଠୀ ଓ ହାଡିବନ୍ଧୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## କମ୍ପାନୀ କର୍ମଚାରୀଙ୍କୁ ଅପହରଣ ଅଭିଯୋଗ: ୨ ଗିରଫ

ପାରାଦୀପ,୫।୮(ସ୍ୱ.ପ୍ର.): ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କି ଲକ୍‌ପଡାରେ ଗତ ସୋମବାର ରାତିରେ ଏସାରଷ୍ଟିଲ କମ୍ପାନୀର ଜଣେ କର୍ମଚାରୀ ଦେବେନ୍ଦ୍ର ପ୍ରଧାନଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ମାମଲା (ନଂ. ୧୬୪/୨୧) ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ବାପ ଓ ପୁଅଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସହଦେବ ସାମନ୍ତରାୟ(ବାପା)ଓ ପୃଥ୍ୱିରାଜ ସାମନ୍ତରାୟ(ପୁଅ)। ଉଭୟ ଉକ୍ତ କମ୍ପାନୀରେ ଠିକାଦାର ଭାବେ କାମ କରନ୍ତି। ୨୦୦୮ରେ ଠିକା କାମର କିଛି ବକେୟା ଥିଲା। ସେହି ଅର୍ଥ ଆଦାୟ ପାଇଁ ଦେବେନ୍ଦ୍ରଙ୍କୁ ବଳପୂର୍ବକ ଅପହରଣ କରି ଅଭିଯୁକ୍ତ ଶାରୀରିକ ନିର୍ଯାତନା ଦେଇଥିଲେ ବୋଲି ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି।

# ବିକାଶଠୁ ଦୂରରେ ହୁକିଟୋଲା ଦ୍ୱୀପ


ବ୍ରିଟିଶ୍ ଐତିହ୍ୟ ହୁକିଟୋଲା ଦ୍ୱୀପ।

- ଗଳାବାଟ ଦେଇ ନିଷିଦ୍ଧାଞ୍ଚଳରେ ବେଆଇନ ପ୍ରବେଶ
- ନିର୍ମାଣରେ କଟକ ବାରବାଟୀ ଦୁର୍ଗ, ବାରଙ୍ଗ ଚୁଡଙ୍ଗଗଡ଼ ପଥର

ମହାକାଳପଡ଼ା,୫।୮(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ବଙ୍ଗୋପସାଗର ପାର୍ଶ୍ୱ ଏକ ନିର୍ଜନ ସ୍ଥାନରେ ବ୍ରିଟିଶ ସରକାରଙ୍କ ଦ୍ୱାରା ହୁକିଟୋଲା ଦ୍ୱୀପନିର୍ମାଣ କରାଯାଇଥିଲା। ଏହି ଐତିହ୍ୟ ସ୍ଥଳର ବିକାଶ ବହୁ ଦୂରରେ ରହିଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ, ଏହି ଐତିହାସିକ ହୁକିଟୋଲା ଦ୍ୱୀପ ନିର୍ମାଣ କାର୍ଯ୍ୟ ପାଇଁ କଟକର ବାରବାଟି ଦୁର୍ଗ ଓ ବାରଙ୍ଗର ଚୁଡ଼ଙ୍ଗଗଡରୁ ସଂଗୃହୀତ ପଥରକୁ ଜଳପଥରେ ନେଇ ୭ ହଜାର ବର୍ଗ ଫୁଟ୍‌ର ଅଟ୍ଟାଳିକା ନିର୍ମାଣ ୟୁରୋପ ରେନେସା ଶୈଳୀରେ ତିଆରି କରାଯାଇଥିଲା। ବ୍ରିଟିଶ ଶାସନ ସମୟରେ ନିର୍ମିତ ହୁକିଟୋଲା ୧୮୬୫ -୧୮୬୬ରେ ହୁକ୍ ସାହେବ ସମୟରେ ହୋଇଥିଲା ତେଣୁ ତାଙ୍କ ନାମ ଅନୁସାରେ ଏହି ସ୍ଥାନକୁ ନାମକରଣ ହୁକିଟୋଲା ରଖାଯାଇଛି। ସଡ଼କପଥ ଓ ରେଳପଥ ବହୁ ପୂର୍ବରୁ ନିର୍ମାଣ କାର୍ଯ୍ୟ ହୋଇଥିଲା। ସମୁଦ୍ର ମଧ୍ୟରେ ଜାହାଜ ଯାତାୟାତ କରୁଥିବା ବେଳେ ଏହି ନିର୍ଜନ ଦ୍ୱୀପରେ ଏକ ବୃହତ୍ ପଣ୍ୟାଗାର ଗୃହ ନିର୍ମାଣ ହୋଇଥିଲା।

ସୂଚନା ଅନୁସାରେ, ପୂର୍ବ ଭାରତରେ ଭୟାବହ ନଅଙ୍କ ଦୁର୍ଭିକ୍ଷ ସମୟରେ ବ୍ରିଟିଶ ଶାସକମାନେ ବିଦେଶରୁ ଖାଦ୍ୟ ସାମଗ୍ରୀ ଗହମ, ତେଲ, ଚୁଡା, ଗୁଡ ଆଦି ଜାହାଜ ଯୋଗେ ଏହି ବୃହତ୍ ଗୋଦାମ ଘରେ ରଖୁଥିଲେ। ଏଠାରୁ ଖାଦ୍ୟଶସ୍ୟ ଓଡ଼ିଶାର ଦୁର୍ଭିକ୍ଷ ଅଞ୍ଚଳକୁ ଜଳପଥରେ ଷ୍ଟିମର ଯୋଗେ ପରିବହନ କରାଯାଉଥିଲା। ସ୍ୱାଧୀନ ଭାରତର ପରବର୍ତ୍ତୀ ସମୟରେ ଏହି ପଣ୍ୟାଗାର ଜରାଜୀର୍ଣ୍ଣ ହୋଇ ପଡ଼ି ରହିଥିଲା। ୨୦୧୫-୧୬ରେ ଏହି ଐତିହାସିକ ହୁକିଟୋଲା ଗୃହକୁ ପୁନରୁଦ୍ଧାର କରାଯାଇ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଛି। ଅଦ୍ୟାବଧି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ବନ ବିଭାଗ ଅଧୀନରେ ରହିଛି। କରୋନା ପ୍ରଭାବ ଯୋଗୁ ପ୍ରଶାସନ ପକ୍ଷରୁ ଏଠାକୁ ପ୍ରବେଶ ଉପରେ କଟକଣା ରହିଥିଲା। ଗୁରୁବାରଠାରୁ ସାଧାରଣ ଲୋକଙ୍କ ପାଇଁ ପ୍ରବେଶ ଅନୁମତି ମିଳିଛି। ତେବେ ଏହି ହୁକିଟୋଲା ପର୍ଯ୍ୟଟନସ୍ଥଳର ବିକାଶରେ ସେତେଟା ଆଖିଦୃଶିଆ ସଫଳ ଦେଖିବାକୁ ମିଳୁନି। ଏହି ପର୍ଯ୍ୟଟନସ୍ଥଳରେ ସ୍ଥାନୀୟ ଅସାଧୁ ବ୍ୟବସାୟୀ ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ହେଉଛି। ରାତ୍ରି ରହଣିରେ କୌଣସି ବ୍ୟବସ୍ଥା ନାହିଁ। ପାନୀୟ ଜଳ, ଶୌଚାଳୟ ଅବ୍ୟବସ୍ଥା, ସ୍ଥାନୀୟ କେତେକ ମତ୍ସ୍ୟଜୀବୀମାନେ ଡଙ୍ଗା ରଖି ମାଛ କଙ୍କଡ଼ା ଧରିବା ଦେଖିବାକୁ ମିଳେ। ସେହିପରି ଏହି ହୁକିଟୋଲା ପୂର୍ବ ଦ୍ୱୀପପୁଞ୍ଜର ମାଦଳି, ଲଞ୍ଜଘୋଲା ଆଦି ଝାଉଁ ବଣରେ କେତେଜଣ ମତ୍ସ୍ୟଜୀବୀ ଅସ୍ଥାୟୀ ପଲା ମାରି ମାଛ, କଙ୍କଡ଼ା ଧରି ନିକଟ ପାରାଦୀପକୁ ଜଳପଥରେ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଏହି ସାମୁଦ୍ରିକ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳରେ କିପରି ବେଆଇନ ଭାବେ ପ୍ରବେଶ କରି ସାମୁଦ୍ରିକ ଜୀବଜନ୍ତୁଙ୍କୁ ଧରି ଚାଲାଣ କରାଯାଉଛି ସେ ନେଇ ଅଭିଯୋଗ ହେଉଛି। ଅପରପକ୍ଷେ ଏହି ନିଷିଦ୍ଧାଞ୍ଚଳରେ ପ୍ରବେଶ ପଥରେ ଚେକ୍ ପୋଷ୍ଟ ନିର୍ମାଣ କରାଯାଇଥିଲେ ମଧ୍ୟ କିପରି ଏମାନେ ପ୍ରବେଶ କରୁଛନ୍ତି। ଏହା ବନ ବିଭାଗ ସୁରକ୍ଷା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେବେ ଏଠାରେ ପ୍ରଶ୍ନ ଉଠେ ବିଭାଗ ପକ୍ଷରୁ ହୁକିଟୋଲା ପର୍ଯ୍ୟଟନସ୍ଥଳକୁ ଯାତାୟାତ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନାହିଁ। ନା ଅଛି ବୋଟ୍ କିମ୍ବା ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା। ଆଗାମୀ ଦିନରେ ଏହି ହୁକିଟୋଲା ପର୍ଯ୍ୟଟନସ୍ଥଳ ପ୍ରତି ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଜଗତ୍‌ସିଂହପୁରରେ ଆଜିଠୁ ଖୋଲିବ ସମସ୍ତ ମନ୍ଦିର

- ଗର୍ଭଗୃହ ଭିତରକୁ ଭକ୍ତଙ୍କୁ ମନା
- ଭୋଗ, ପ୍ରସାଦର ବ୍ୟବସ୍ଥା ହେବ ନାହିଁ
- ସନ୍ଧ୍ୟା ୬ଟାରୁ ମନ୍ଦିର ଭିତରକୁ ପ୍ରବେଶ ମନା

ଜଗତ୍‌ସିଂହପୁର ଅଫିସ, ୫।୮

ରାଜ୍ୟ ସରକାରଙ୍କ ପକ୍ଷରୁ କରୋନା କଟକଣା କୋହଳ ହେବା ପରେ ଶୁକ୍ରବାରଠାରୁ ମା’ ଶାରଳା, ପ୍ରଭୁ ଗୋରେଖନାଥଙ୍କ ସମେତ ଜଗତ୍‌ସିଂହପୁର ଜିଲାର ସମସ୍ତ ମନ୍ଦିର ଖୋଲିବାକୁ ଯାଉଛି। ଏଣିକି କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ ସର୍ବସାଧାରଣ ଦେବଦେବୀଙ୍କ ଦର୍ଶନ କରିପାରିବେ। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ପ୍ରଶାସନିକ ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ଏହା କହିଛନ୍ତି। ଶ୍ରଦ୍ଧାଳୁମାନେ ମନ୍ଦିର ଭିତରକୁ ପ୍ରବେଶ କଲାବେଳକୁ ହାତ ସାନିଟାଇଜ୍ କରିଥିବେ। ମାସ୍କ ପରିଧାନ ସହ ସାମାଜିକ ଦୂରତା ଅବଲମ୍ବନ କରିବେ। ମା’ଶାରଳା ମନ୍ଦିର ପରିସରରେ ପ୍ରତ୍ୟହ ସକାଳ ୭.୩୦ ଅବକାଶ ପରେ ସାଧାରଣ ଭକ୍ତଙ୍କ ଦର୍ଶନ ନିମନ୍ତେ ଅନୁମତି ମିଳିବ। ତେବେ ସନ୍ଧ୍ୟା ଆଳତି ପୂର୍ବରୁ ଅର୍ଥାତ୍ ୬ଟାରୁ ମନ୍ଦିର ଭିତରକୁ ପ୍ରବେଶ ମନା କରାଯାଇଛି। ମନ୍ଦିରଗୁଡିକ ଭିତରେ ଯେପରି କୌଣସି ଜନଗହଳି ନ ହୁଏ, ସେଥିପ୍ରତି ସଜାଗ ଦୃଷ୍ଟି ରଖାଯିବ। କୌଣସି ମନ୍ଦିରର ଗର୍ଭଗୃହକୁ ଶ୍ରଦ୍ଧାଳୁଙ୍କୁ ଛଡାଯିବନାହିଁ। ଭକ୍ତମାନେ ଧାଡିରେ ଦର୍ଶନ କରିବେ। ତେବେ ଭୋଗ ଓ ପ୍ରସାଦ ବ୍ୟବସ୍ଥା କରାଯିବ ନାହିଁ। ଏହା ଭିତରେ ମା’ଶାରଳାଙ୍କ ମନ୍ଦିର ଓ ଆଖପାଖ ଅଞ୍ଚଳର ଉନ୍ନତି ପାଇଁ ଏକ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ମନ୍ଦିର ପରିସର ପୁରୁଣା ଘରଗୁଡିକ ଭଙ୍ଗାଯାଇ ନୂଆଗୃହ ନିର୍ମାଣ ହେଉଛି। ଓଟିଡିସି ମାର୍କେଟ କମ୍ପ୍ଲେକ୍ସ, ପାର୍କିଂ ସ୍ଥାନ ଓ ବଳଭଦ୍ରଙ୍କ ଦାରୁ ସ୍ମାରକୀ ମନ୍ଦିର କାର୍ଯ୍ୟ ପୂର୍ଣ୍ଣ ହୋଇଛି। ଆଗାମୀଦିନରେ ଶାରଳା ପ୍ରକଳ୍ପ ପରିକଳ୍ପନା କରାଯାଉଛି। ବୈଷୟିକ ପରାମର୍ଶଦାତାଙ୍କ ପରିଦର୍ଶନ ପରେ ବିସ୍ତୃତ ଯୋଜନା ଆରମ୍ଭ ହେବ ବୋଲି ଜିଲାପାଳ ବୈଠକରେ କହିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ଡିଆଇଭି ଡିଏସ୍‌ପି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲାପାଳଙ୍କ ଓଏସ୍‌ଡି, ଶାରଳା ମନ୍ଦିର ନିର୍ବାହୀ ଅଧିକାରୀ, ଗୋରେଖନାଥ, ଧାନକୁଦ ଓ ଗଡ଼ କୁଜଙ୍ଗ ମନ୍ଦିର ସେବାୟତମାନେ ଉପସ୍ଥିତ ଥିଲେ।

# ସାର ଚିନ୍ତାରେ ଡେରାବିଶର ଚାଷୀ

ଡେରାବିଶ, ୫।୮(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଞ୍ଚଳରେ ସାରର ଅଭାବ ଦେଖାଦେଇଥିବାରୁ ଚାଷୀମାନେ ଚିନ୍ତାରେ ରହିଛନ୍ତି। ଚଳିତ ଖରିଫ ଚାଷ ସମୟରେ ପ୍ରତ୍ୟେକ ସମବାୟ ସମିତି ଜରିଆରେ ଚାଷୀମାନଙ୍କୁ ସରକାରୀ ଧାର୍ଯ୍ୟ ଦରରେ ସାର ଯୋଗାଇ ଦିଆଯିବ ବୋଲି ନିର୍ଦ୍ଦେଶନାମା ରହିଛି। ମାତ୍ର ଡେରାବିଶ ବ୍ଲକ ଅଧୀନ ୨୬ ପଞ୍ଚାୟତରେ ଥିବା ୧୦ ଗୋଟି ସମବାୟ ସମିତି ଉପରେ ନିର୍ଭର କରୁଥିବା ସମଗ୍ର ଚାଷୀକୁଳ ନିଜ ଚାଷ ଜମି ପାଇଁ ଆବଶ୍ୟକ ଥିବା ସାର ପାଇଁ ଦୌଡି ଦୌଡି ନୟାନ୍ତ ହେଉଛନ୍ତି। ବର୍ତ୍ତମାନ ଜିଲାରେ ଧାନ ତଳି ରୁଆ ଆରମ୍ଭ ହୋଇଥିବା ବେଳେ ନଳିତା ଓ ପନିପରିବା ଚାଷ ପାଇଁ ଡିଏପି, ପଟାସ ଓ ୟୁରିଆ ସାର ସମବାୟ ସମିତିରେ ନାହିଁ ବୋଲି ସମ୍ପୃକ୍ତ ସମ୍ପାଦକଙ୍କଠାରୁ ଶୁଣିବା ପରେ ଚାଷୀମାନେ ନିରାଶ ହୋଇ ଘରକୁ ଫେରୁଛନ୍ତି। ବ୍ଲକ କୃଷି ବିଭାଗ ସୂଚନା ଅନୁଯାୟୀ, ଡେରାବିଶ ବ୍ଲକ ଅଞ୍ଚଳରେ ସମୁଦାୟ ୧୧ ହଜାର ହେକ୍ଟର ଜଳସେଚିତ ଚାଷ ଜମି ରହିଛି। ଏହି ଚାଷ ଜମି ପାଇଁ ୩ ଶହ ମେଟ୍ରିକ ଟନ୍ ୟୁରିଆ ସାରର ଆବଶ୍ୟକତା ଥିବା ବେଳେ ଅନ୍ୟ ସାରର ସେହି ଅନୁପାତରେ ଆବଶ୍ୟକ ରହିଛି। ମାତ୍ର ପଟ୍ଟାମୁଣ୍ଡାଇଠାରେ ଥିବା ମାର୍କଫେଡ ଗୋଦାମରୁ ସମବାୟ ସମିତିଗୁଡିକୁ ଆବଶ୍ୟକ ସାର ଯୋଗାଇ ଦିଆଯାଇ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଜିଲା ଚାଷୀ ଶ୍ରମିକ ସଂଘ ସମ୍ପାଦକ କୃତ୍ତିବାସ ଦାସ ପ୍ରକାଶ କରିଛନ୍ତି।


ସାର ଅଭାବ ଯୋଗୁ ଧାନତଳି ରୁଆ ହେବା ପରେ ପଡିପାରୁନି।

ଅପରପକ୍ଷରେ ପ୍ରତ୍ୟେକ ସମବାୟ ସମିତିକୁ ସାର ପହଞ୍ଚାଇବା ବ୍ୟବସ୍ଥା ମାର୍କଫେଡର ଥିବା ବେଳେ ପରିବହନ ଖର୍ଚ୍ଚ ସମ୍ପୃକ୍ତ ସମବାୟ ସମିତିର ସମ୍ପାଦକମାନେ ବହନ କରୁଛନ୍ତି। ସରକାରୀ ଧାର୍ଯ୍ୟ ଦର ୟୁରିଆ ୨୬୭, ପଟାସ ୯୭୭, ଡିଏପି ୧୧୭୦ଠାରୁ ଅଧିକ ୨୦ରୁ୩୦ ଟଙ୍କା ବସ୍ତା ପିଛା ପଡୁଥିବା ନେଇ ସମ୍ପାଦକ ନିଜର ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏ ବିଷୟରେ ଜିଲା ସମବାୟ ଉପନିବନ୍ଧକ ମନମୋହନ ରାଉତଙ୍କୁ ପଚାରିବାରେ ଦିନେ ଦୁଇ ଦିନ ମଧ୍ୟରେ ମଧ୍ୟରେ ଇଫ୍‌କୋ ୟୁରିଆ ସାର ସମସ୍ତ ସମବାୟ ସମିତିକୁ ପହଞ୍ଚାଇବା ବ୍ୟବସ୍ଥା କରାଯାଉଛି। ଅପରପକ୍ଷରେ ଅଧିକ ଦାମରେ ସମବାୟ ସମିତିରେ ସାର ବିକ୍ରୟ କରାଯାଉଥିବା ଓ ସମ୍ପାଦକମାନେ ପରିବହନ ଖର୍ଚ୍ଚ ବହନ କରୁଥିବା ନେଇ ପଚାରିବାରୁ ଉପନିବନ୍ଧକ ରାଉତ କୌଣସି ସୂଚନା ଦେଇ ନ ଥିଲେ। ସେହିପରି ସମ୍ପାଦକମାନେ ସାର ପାଇଁ ଆବଶ୍ୟକ ପରିବହନ ଖର୍ଚ୍ଚ କେଉଁ ଜମା ଖାତାରୁ ବ୍ୟୟ କରୁଛନ୍ତି ବୋଲି ପ୍ରଶ୍ନ କରିବାରୁ ରାଉତ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଏହି ବିଷୟରେ ବ୍ଲକ କୃଷି ଅଧିକାରୀ ଅନୁରାଧା ପଣ୍ଡାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ସମବାୟ ସମିତିଗୁଡିକରେ ୟୁରିଆ ଓ ଅନ୍ୟ ସାର ପହଞ୍ଚାଇବା ପାଇଁ ମାର୍କଫେଡକୁ ଯୋଗାଯୋଗ କରାଯାଇଛି। କଳାବଜାର ଭୟ ଥିବାରୁ କୌଣସି ଘରୋଇ ଡିଲରଙ୍କୁ ସାର ଦିଆଯାଇନାହିଁ ବୋଲି ସେ କହିଛନ୍ତି।

## ଅଖଣ୍ଡ ଭାରତ ସ୍ୱପ୍ନ ସାକାର ହେବାକୁ ଯାଉଛି

କେନ୍ଦ୍ରାପଡ଼ା ଅଫିସ, ୫।୮

କେନ୍ଦ୍ରାପଡ଼ା ସହରର ପ୍ରେସ୍ କ୍ଲବ ପରିସରରେ ରାଷ୍ଟ୍ରୀୟ ନିର୍ମାଣ ଅଭିଯାନ ପକ୍ଷରୁ କଶ୍ମୀରରେ ଧାରା ୩୭୦ ଉଚ୍ଛେଦର ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ଆଲୋଚନା ଚକ୍ର ଗୁରୁବାର ଆୟୋଜିତ ହୋଇଛି। ଧାରା ୩୭୦ ଉଚ୍ଛେଦ ବିକାଶର ନୂଆ ମାର୍ଗ ଶୀର୍ଷକ ଆଲୋଚନା ଚକ୍ରରେ ଆଇନଜୀବୀ ବିଭୂତି ଭୂଷଣ କର ଅଧ୍ୟକ୍ଷତା କରିଥିଲେ। ବୁଦ୍ଧିଜୀବୀ ରବିନାରାୟଣ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଖଣ୍ଡ ଭାରତର ସ୍ୱପ୍ନ ପ୍ରତ୍ୟେକ ଦେଶବସୀଙ୍କର ଅଛି। କଶ୍ମୀରରେ ଧାରା ୩୭୦ ଓ ୩୫ ‘ଏ’ ଉଚ୍ଛେଦ ପରେ ଏହି ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଦେଶରେ ସାଂସ୍କୃତିକ ବିପ୍ଳବ ସୃଷ୍ଟି ସହ ରାଷ୍ଟ୍ର ଜାଗରଣକୁ ଗୁରୁତ୍ୱ ଦିଆଯାଉଛି। ସମ୍ମାନିତ ଅତିଥି ସଞ୍ଜୟ ପତ୍ରୀ କହିଥିଲେ, ଦେଶର ବିକାଶ ପ୍ରକ୍ରିୟାରେ କଶ୍ମୀର ସାମିଲ ହୋଇ ପାରୁ ନ ଥିଲା। ଏହି ଧାରା ଉଚ୍ଛେଦ ପରେ କଶ୍ମୀର ବିକାଶ ହେବା ସହ ସେଠାକାର ଲୋକେ ଭାରତର ଗାରିମାକୁ ଉପଲବ୍ଧି କରିପାରିବ। ଏଥିରେ ବହୁ ବୁଦ୍ଧିଜୀବୀ, ଆଇନଜୀବୀ ଓ ଛାତ୍ରୀଛାତ୍ର ଅଖଣ୍ଡ ଭାରତ ସମ୍ପର୍କରେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମକୁ ରାଷ୍ଟ୍ର ନିର୍ମାଣ ଅଭିଯାନର କର୍ମକର୍ତ୍ତା ମାତୃଦତ୍ତ ମହାନ୍ତି, ମଳୟ ସାହୁ, ପ୍ରସନ୍ନ ପରିଡା ପ୍ରମୁଖ ପରିଚାଳନା କରିଥିଲେ।

## ସବାଇ, ଟେରାକୋଟା, କାଇଁଚ, ବାଉଁଶରେ ପ୍ରସ୍ତୁତ ରାଖୀ ଷ୍ଟଲ୍ ଉଦ୍‌ଘାଟିତ

ଜଗତ୍‌ସିଂହପୁର ଅଫିସ, ୫।୮

ଜଗତ୍‌ସିଂହପୁର ପୌର ପରିଷଦ ସମ୍ମୁଖରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି ନିଆରା ରାଖୀ ଷ୍ଟଲ୍। ଏହି ଷ୍ଟଲର ବିଶେଷତ୍ୱ ହେଉଛି, ଜିଲାର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଦ୍ୱାରା ସବାଇ, ଟେରାକୋଟା କାଇଁଚ, ଝୋଟ, ବାଉଁଶ, ନଡ଼ିଆ ଶଢ଼େଇ ଓ ଫେବ୍ରିକ ଦ୍ୱାରା ଅତି ଆକର୍ଷଣୀୟ ରାଖୀ ପ୍ରଦର୍ଶନ କରାଯାଇଛି। ଗ୍ରାହକମାନଙ୍କୁ ଯେପରି ଅଧିକ ମୂଲ୍ୟ ଦେବାକୁ ନ ପଡେ, ତା’ ଉପରେ ଧ୍ୟାନ ଦିଆଯାଇଛି। ଡିଆର୍‌ଡିଏ, ଓରମାସ୍ ଓ ମିଶନ ଶକ୍ତି ଆନୁକୂଲ୍ୟରେ ଆୟୋଜିତ ଏହି ଷ୍ଟଲକୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଷ୍ଟଲରେ ଜଗତ୍‌ସିଂହପୁର ବ୍ଲକର ସାଇଜୁଟ୍ ଉତ୍ପାଦିକା ଗୋଷ୍ଠୀ ଦ୍ୱାରା ଟେଡି ରାଖୀ, କୁଜଙ୍ଗର ଅନ୍ନପୂର୍ଣ୍ଣା ଟେରାକୋଟା ଉତ୍ପାଦକ ଗୋଷ୍ଠୀ ଓ ମା’ବଜ୍ରବୁଢ଼ୀ ଟେରାକୋଟା ଉତ୍ପାଦକ ଗୋଷ୍ଠୀର ମାଟି ରାଖୀ, ଏରସମାର ଶିବଶକ୍ତି କାଇଁଚ ଉତ୍ପାଦକ ଗୋଷ୍ଠୀ ଦ୍ୱାରା କାଇଁଚ ରାଖୀ, ବାଲିକୁଦାର ମା’ ମଙ୍ଗଳା ଏସ୍‌ଏଚ୍‌ଜି ଦ୍ୱାରା ଶଢେଇ ରାଖୀ ଏବଂ ରଘୁନାଥପୁରର ସାରଳା ହାଣ୍ଡିକ୍ରାଫ୍ଟ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ବେତ ରାଖୀ ବିକ୍ରୟ କରାଯାଉଛି। ଏହି ନିଆରା ରାଖୀ ଷ୍ଟଲ ମହିଳା ଏସ୍‌ଏଚ୍‌ଜି ଓ ଉତ୍ପାଦକ ଗୋଷ୍ଠୀ ପ୍ରତିନିଧିମାନଙ୍କ ଦ୍ୱାରା ପରିଚାଳିତ ହେବ।

ଓରମାସ୍, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏସ୍‌ଏଚ୍‌ଜି ଓ ଉତ୍ପାଦକ ଗୋଷ୍ଠୀକୁ ବ୍ୟବସାୟିକ ସହାୟତା ଦେବା ନିମନ୍ତେ ଏଭଳି ଷ୍ଟଲ ଖୋଲାଯାଇଥିବା କୁହାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ନାବାର୍ଡ ଡିଡିଏମ୍ ବିଶ୍ୱଭୂଷଣ ମହାନ୍ତି, ଏଲ୍‌ଡିଏମ୍ ସତୀଶ କୁମାର ପାତ୍ର, ଡିଆଇପିଆର୍‌ଓ, ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ, ଡିପିସି, ମିଶନ ଶକ୍ତି, ଡିପିଏମ୍ ଓ ଏଲ୍‌ଏମ୍, ଏଡିପିଡି ପ୍ରମୁଖ ଉପସ୍ଥିତ ଥିଲେ । ଓରମାସ୍ ଡେପୁଟି ସିଇଓ ସତ୍ୟ ସୁନ୍ଦର ଶିବରାମ ପାଇଟାଳ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।


ଷ୍ଟଲ୍‌ରୁ ଗ୍ରାହକ ରାଖୀ କିଣୁଛନ୍ତି।

# ବଦଳିଲା ନିୟମ, ପୁରୁଣା ଜିପିଏସ୍‌କୁ ଅନୁମତି

### ପାରାଦୀପ ମାଛଧରା ବନ୍ଦରରେ ଜିପିଏସ୍ ୫୮୦ ପ୍ରସଙ୍ଗ

ପାରାଦୀପ,୫।୮(ସ୍ୱ.ପ୍ର.)

ପାରାଦୀପ ମାଛଧରା ବନ୍ଦରରେ ଜିପିଏସ୍ ୫୮୦କୁ ନେଇ ମାସେ ହେବ ଚାଲିଥିବା ବିବାଦର ସାମୟିକ ଅବସାନ ଘଟିଛି। ରାଜ୍ୟ ସରକାରଙ୍କ ମତ୍ସ୍ୟବିଭାଗ ବୁଧବାର ପୁରୁଣା ଜିପିଏସ୍‌କୁ ପଞ୍ଜୀକରଣ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି। ଓଡ଼ିଶାର ପୂର୍ବ ସାମୁଦ୍ରିକ ଉପକୂଳ ଅଭୟାରଣ୍ୟ ଅଞ୍ଚଳକୁ ପଶି ଆସିଥିବା ମାଛଧରା ଟ୍ରଲରଗୁଡିକୁ ବହୁ ସମୟରେ ସୁରକ୍ଷା ଅଧିକାରୀମାନେ ଜବତ କରିଥାନ୍ତି। ମତ୍ସ୍ୟଜୀବୀଙ୍କୁ ଗିରଫ କରିଥାନ୍ତି। ଏହି ଘଟଣାକୁ ନେଇ ବିଭିନ୍ନ ସମୟରେ ବିବାଦ ସୃଷ୍ଟି ହୁଏ। ଏହାକୁ ନେଇ ଏକ ସଙ୍ଗଠନ ପକ୍ଷରୁ ହାଇକୋର୍ଟରେ ମାମଲା ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ମତ୍ସ୍ୟବିଭାଗ ସ୍ୱତନ୍ତ୍ର ଜିପିଏସ୍ (ଗ୍ଲୋବାଲ ପୋଜିସନିଂ ସିଷ୍ଟମ) ୫୮୦ ଲଗେଇବାକୁ ଜୁନରେ ନିର୍ଦ୍ଦେଶ ଦେଇଥିଲେ। ଏହା ପୂର୍ବରୁ ପ୍ରତ୍ୟେକ ମାଛଧରା ଟ୍ରଲରରେ ସାଧାରଣ ଜିପିଏସ୍ ଲାଗିଥିଲା। ସେଗୁଡିକୁ ବଦଳାଇବା ପାଇଁ କୁହାଯାଇଥିଲା। ଏହିକ୍ରମରେ ମାଛଧରା ବନ୍ଦରରେ ଥିବା ୫୫୯ ଟ୍ରଲର ମଧ୍ୟରୁ ୧୩୦ଟି ଟ୍ରଲରରେ ନୂଆ ଜିପିଏସ୍ ୫୮୦ ଲାଗିଥିଲା। ଏଥିପାଇଁ ୩୦ ହଜାରରୁ ଅଧିକ ଟଙ୍କା ବ୍ୟୟ ହେଉଥିବାରୁ ଏହାକୁ କିଣିବାକୁ ଅବଶିଷ୍ଟ ଟ୍ରଲର ମାଲିକମାନେ ରାଜି ହୋଇ ନ ଥିଲେ।

ଏ ନେଇ ଟ୍ରଲର ମାଲିକ ସଂଘ ସଭାପତି ସୁମନ୍ତ କୁମାର ବିଶ୍ୱାଳ ମତ୍ସ୍ୟ ବିଭାଗକୁ ଚିଠି ଲେଖିଥିଲେ। ସେ ଦର୍ଶାଇଥିଲେ, ପୁରୁଣା ଜିପିଏସ୍‌କୁ ସଫ୍ଟୱେର ଜରିଆରେ ନୂତନ ଭଳି କରାଯାଉ। ନଚେତ ନୂଆ ଜିପିଏସ୍ ସରକାର ଦିଅନ୍ତୁ। ଏ ସମ୍ପର୍କିତ ଖବର ଧରିତ୍ରୀ ସମେତ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଶେଷରେ ମତ୍ସ୍ୟ ବିଭାଗ ପୁରୁଣା ଜିପିଏସ୍‌କୁ ଗ୍ରହଣ କରିବାକୁ ରାଜି ହୋଇଛି। ଏଥିପାଇଁ ମତ୍ସ୍ୟବିଭାଗ କାର୍ଯ୍ୟାଳୟରେ ପଞ୍ଜୀକରଣ ଆରମ୍ଭ ହୋଇଛି ବୋଲି ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର କହିଛନ୍ତି।


ଜିପିଏସ୍ ସିଷ୍ଟମଗୁଡିକୁ ପଞ୍ଜୀକରଣ କରାଯାଉଛି।

# ପ୍ରକଳ୍ପ ଅଚଳ: ମିଳୁନି ପାଇପ୍ ପାଣି

## ଶିଖର ପଞ୍ଚାୟତ

- ଜଳଜୀବନ ମିଶନ ଫେଲ୍
- ଠିକାଦାର ଅର୍ଥ ଆଦାୟ କରି ପଳାଇ ଯାଇଥିବା ଅଭିଯୋଗ
- ବ୍ୟବହାରରେ ଆସୁନାହିଁ ସୁଉଚ୍ଚ ପାଣିଟାଙ୍କି

ନାଉଗାଁ,୫।୮(ସ୍ୱ.ପ୍ର.)

ଗ୍ରାମାଞ୍ଚଳର ସବୁ ଗୃହକୁ ପାଇପ୍ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜଳ ଜୀବନ ମିଶନ କାର୍ଯ୍ୟକାରୀ ହେଉଛି। ତେବେ ନାଉଗାଁ ବ୍ଲକର ଶିଖର ପଞ୍ଚାୟତରେ ଏହା ଫେଲ୍ ହୋଇଯାଇଛି। ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ପାଇଁ ୨ଟି ପ୍ରକଳ୍ପ ନିର୍ମାଣ କରାଯାଇଛି। ସେଥିରୁ ଗୋଟିଏ ଅଚଳ ହୋଇଯାଇଛି। ଏହାଛଡ଼ା ନିର୍ମାଣ ହୋଇଥିବା ସୁଉଚ୍ଚ ପାଣିଟାଙ୍କି କାର୍ଯ୍ୟରେ ଲାଗୁନାହିଁ। ଏନେଇ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏହି ପଞ୍ଚାୟତଟି ଦେବୀ ନଦୀ କୂଳରେ ଅବସ୍ଥିତ। ନଦୀ କୂଳିଆ ଅଞ୍ଚଳ ହୋଇଥିବାରୁ ଏଠାକାର ଅଧିକାଂଶ ନଳକୂପ ପାଣି ଲୁଣିଆ। ଏହାଛଡା ଏହି ପାଣି ହଳଦିଆ ରଙ୍ଗର ହୋଇଥିବାରୁ ପାନୀୟ ଉପଯୋଗୀ ନୁହେଁ ବୋଲି ସ୍ଥାନୀୟ ଲୋକେ କୁହନ୍ତି।

ଏହାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଜଳ ଓ ପରିମଳ କାର୍ଯ୍ୟାଳୟ ପକ୍ଷରୁ ଶିଖର ସମେତ ଓଷକଣା ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ପାଇଁ ୨୦୧୧-୧୨ ଆର୍ଥିକ ବର୍ଷରେ ୮୫ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟ କରାଯାଇଛି। ଏହି ଅର୍ଥରେ ଶିଖର ପଞ୍ଚାୟତର ଶାଳିଜଙ୍ଗା ନିକଟରେ ୨ଟି ପମ୍ପହାଉସ ନିର୍ମାଣ କରାଯାଇଛି। ତେବେ ଗୋଟିଏ ପମ୍ପ ହାଉସରୁ ପଞ୍ଚାୟତର ଶାଳିଜଙ୍ଗା, ବୋଦଳ, ନଳାଙ୍ଗ, ପାଟେଣିଗାଁ, ଅଙ୍ଗେଶ୍ୱରପଡାଳେ ବିଭିନ୍ନ ଛକରେ ପାନୀୟ ଜଳ ଯୋଗାଇ ଦିଆଯାଉଥିବାବେଳେ ଅନ୍ୟଟି ଅଚଳ ରହିଛି। ଫଳରେ ବିଲିପଡା, ଶିଖର ଓ ସାରେଇକୂଳ ଆଦି ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି।


ବ୍ୟବହାର ହେଉ ନ ଥିବା ପାଣି ଟାଙ୍କି ।

ସେହିପରି ୨୦୧୫ରେ ପମ୍ପ ହାଉସ ନିକଟରେ ସୁଉଚ୍ଚ ପାଣିଟାଙ୍କି ନିର୍ମାଣ କରାଯାଇଛି। ଦୀର୍ଘ ୬ ବର୍ଷ ହେବ ଉକ୍ତ ଟାଙ୍କି ନିର୍ମାଣ କରାଯାଇଥିବା ବେଳେ ଏହା ବ୍ୟବହାର ଆସୁନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଟାଙ୍କି ଉପରେ ଅନାବନା ଲତା ମାଡ଼ିଯାଇଛି। ଫନୀ ବାତ୍ୟା ପରେ ଟାଙ୍କି ମରାମତି ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷରେ ୧,୨୩ ୪ ୮୫ ଟଙ୍କା ବ୍ୟୟ କରାଯାଇଥିଲା। ମାତ୍ର କାମ କ’ଣ ହୋଇଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପଞ୍ଚାୟତକୁ ଜଳଜୀବନ ମିଶନରେ ସାମିଲ କରାଯାଇଛି ବୋଲି ସରପଞ୍ଚ ଅକ୍ଷୟ ଜେନା କହିଛନ୍ତି। ମିଶନ୍ ଅନୁସାରେ ସମ୍ପୂର୍ଣ୍ଣ ମାଗଣାରେ ହିତାଧିକାରୀଙ୍କ ଘରେ ପାଇପ ବସାଇ ପାନୀୟ ଜଳ ଯୋଗାଇବାର ନିୟମ ରହିଛି। ମାତ୍ର ସମ୍ପୃକ୍ତ ଠିକାଦାର ଏଥିପାଇଁ ଅର୍ଥ ଆଦାୟ କରି ପଳାଇଯାଇଛି ବୋଲି ପ୍ରଭାସିନୀ ମୁଦୁଲି, ଗୁନିଲତା ମୁଦୁଲି, ରିନା ପଣ୍ଡା,ଭବାନୀ ମଲ୍ଲ ଓ ରୁନି ପଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି। ଅର୍ଥ ଦେବାସତ୍ତ୍ୱେ ହିତାଧିକାରୀମାନେ ମଧୁର ଜଳ ପାଉ ନ ଥିବାରୁ ବାଧ୍ୟ ହୋଇ ଲୁଣି ପାଣି ପିଉଛନ୍ତି ବୋଲି କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପ୍ରଶାସନ ନିକଟରେ ଦାବି ହୋଇଛି।

ଏ ସମ୍ପର୍କରେ ବିଭାଗର ନିର୍ବାହୀ ଯନ୍ତ୍ରୀ ତପନ ରାଉତ କହିଛନ୍ତି, ଗୋଟିଏ ପମ୍ପ ହାଉସର ମଟର ଖରାପ ଥିବାରୁ ଅଚଳ ହୋଇ ରହିଛି। ଖୁବଶୀଘ୍ର ମଟର ଲଗାଯାଇ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ଜଳ ଜୀବନ ମିଶନରେ ଠିକାଦାର ଗୃହରେ ପାଇପ୍ ସଂଯୋଗ କରି ନ ଥିବା ବିଷୟରେ ମୁଁ ଅବଗତ ନଥିଲି। ଜାଣିବା ପରେ ଯଥା ଶୀଘ୍ର ଗୃହକୁ ସଂଯୋଗ କରାଯିବାର ବ୍ୟବସ୍ଥା କରାଯିବ।

## ସଂକ୍ଷେପରେ

### ମାଙ୍କଡ଼ାପଥର ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ



**ଚଣ୍ଡିଖୋଲ,୫।୮(ଡି.ଏନ.ଏ.):** ବଡ଼ଚଣା ଥାନା ପୋଲିସ ଏକ ବେଆଇନ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରିବା ସହ ଏହାର ଚାଳକ କୈବଲ୍ୟ ବିଶ୍ୱାଳଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ବୁଧବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବାତୋ ଗ୍ରାମ ରାସ୍ତା କଡ଼ରେ ଟ୍ରକ୍ ନଂ. (ଓଆର୍-୦୪-ଡି-୯୫୧୧) ମାଙ୍କଡ଼ା ପଥର ଖଲାସ କରୁଥିଲା। ଏହି ସମୟରେ ପୋଲିସ ପକ୍ଷରୁ ଟ୍ରକ୍ ଚାଳକଙ୍କୁ ଆବଶ୍ୟକ କାଗଜପତ୍ର ମଗା ଯାଇଥିଲା। ହେଲେ ସେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ତାଙ୍କୁ ଥାନାକୁ ଆଣିବା ସହ ଟ୍ରକ୍‌କୁ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୯୩।୨୧) ରୁଜୁ ହୋଇଛି।

### କଣ୍ଟାଝରି ଗ୍ରାମରେ ଅଜଣା ଜନ୍ତୁ ଆତଙ୍କ

**ଯାଜପୁର ଅଫିସ,୫।୮:** ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ତଳଗଡ଼ ପଞ୍ଚାୟତର କଣ୍ଟାଝରି ଓ ମଙ୍ଗରାଜପୁର ଗ୍ରାମରେ ଏକ ଅଜଣା ଜନ୍ତୁ ଆତଙ୍କ ଖେଳାଇଛି। ବୁଧବାର ବିଳମ୍ବିତ ରାତିରେ କଣ୍ଟାଝରି ଗ୍ରାମର ବିନୋଦ ପଲେଇ ଓ ତାଙ୍କ ସ୍ତ୍ରୀଙ୍କୁ ଜନ୍ତୁଟି ଆକ୍ରମଣ କରିଛି। ଫଳରେ ଉଭୟ ଆହତ ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଗୁରୁବାର ରାତି ପ୍ରାୟ ୭ଟାରେ ଉକ୍ତ ଜନ୍ତୁ ଅନ୍ୟ ଜଣଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଛି। ସେହିପରି ଏକ ଛେଳିକୁ ମଧ ଅଜଣା ଜନ୍ତୁ ଆକ୍ରମଣ କରିଛି। ଯାଜପୁର ରୋଡ୍ ବନ ବିଭାଗର କର୍ମଚାରୀମାନେ କଣ୍ଟାଝରି ଗ୍ରାମରେ ପହଞ୍ଚି ଉକ୍ତ ଅଜଣା ଜନ୍ତୁଙ୍କୁ ଆୟତ୍ତ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଭୟର ଆତଙ୍କ ଖେଳିଯାଇଛି। ଅନ୍ୟପକ୍ଷରେ ଉକ୍ତ ଅଜଣା ଜନ୍ତୁକୁ ସ୍ଥାନୀୟ କେତେଜଣ ଲୋକେ ବାଘ ବୋଲି କହୁଛନ୍ତି। ତେବେ ଜନ୍ତୁଟି ଧରାପଡ଼ିଲେ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଅଡିଟ୍ ଧରିଲା ୪.୨୧ ଲକ୍ଷ ଟଙ୍କା ଆତ୍ମସାତ

**ଭରତପୁର, ସାମିଆ ପଞ୍ଚାୟତ**
- ୩ ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

ଯାଜପୁର ଅଫିସ,୫।୮

ଯାଜପୁର ଜିଲା ବଡଚଣା ବ୍ଲକ ଭରତପୁର ଓ ସାମିଆ ପଞ୍ଚାୟତର ୩ ଜଣ ପଞ୍ଚାୟତ ଏକ୍‌ଜିକ୍ୟୁଟିଭ ଅଫିସର (ପିଇଓ) ଜାଲିଆତି କରି ୪ ଲକ୍ଷ ୨୧ ହଜାର ୩୨୦ ଟଙ୍କା ସରକାରୀ ଅର୍ଥ ଆତ୍ମସାତ କରିଛନ୍ତି। ସେମାନେ ହେଲେ ଭରତପୁର ପଞ୍ଚାୟତର ତତ୍କାଳୀନ ପିଇଓ ହିମାଂଶୁ ଶେଖର ବେହେରା ଓ ସିଦିଓ ମୁଣ୍ଡରି ଏବଂ ସାମିଆ ପଞ୍ଚାୟତର ତତ୍କାଳୀନ ପିଇଓ ଜଳଧର ମହନ୍ତ। ୨୦୧୮-୧୯ ବର୍ଷର ଅଡିଟ ରିପୋର୍ଟରୁ ଏହି ଜାଲିଆତି ଧରାପଡ଼ିଛି। ବୃଦ୍ଧାବୃଦ୍ଧଙ୍କ ପାଇଁ ପେନସନ ଯୋଜନା ଓ ପଞ୍ଚାୟତ ପାଣ୍ଠିରୁ ଉକ୍ତ ଅର୍ଥ ଆତ୍ମସାତ ହୋଇଥିବା ଜଣାପଡିଛି। ଏନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକାଲ ଫଣ୍ଡ ଅଡିଟ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ୨।୮।୨୦୨୧ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ପ୍ରକଳ୍ପ ବିଭାଗର ପ୍ରମୁଖ ସଚିବଙ୍କୁ ସୂଚିତ କରିଛନ୍ତି। ନିକଟରେ ଯାଜପୁର ପୌରାଞ୍ଚଳରେ ୩.୫୯ ଲକ୍ଷ ଟଙ୍କା ଆତ୍ମସାତ୍ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ଏସବୁରୁ ଜିଲାର ଅନେକ ବିଭାଗରେ ଦୁର୍ନୀତି କାୟା ବିସ୍ତାର କରିଚାଲିଛି ବୋଲି ସ୍ପଷ୍ଟ ହେଉଛି। ଦୁର୍ନୀତି ପ୍ରତି ସରକାରଙ୍କ କୋହଳ ଆଭିମୁଖ୍ୟରୁ ଏସବୁ ହେଉଛି ବୋଲି ମତପ୍ରକାଶ ପାଇଛି।

ଓଡ଼ିଶା ଟ୍ରେଜେରି ସଂହିତା ଖଣ୍ଡ-୧ର ନିୟମ ୩୭ ଅନୁଯାୟୀ ସମସ୍ତ ଆର୍ଥିକ ନେଣଦେଣ ହେବା ପରେ ତାହା କ୍ୟାଶ୍ ବହିରେ ଲିପିବଦ୍ଧ ହେବା କଥା। ଏହାସହ ହାତରେ ରହିଥିବା ସରକାରୀ ଅର୍ଥ ତୁରନ୍ତ ବିଭାଗର ବ୍ୟାଙ୍କ ଆକାଉଣ୍ଟରେ ଜମା କରିବା ନିୟମ ରହିଛି। କିନ୍ତୁ ଭରତପୁର ଓ ସାମିଆ ପଞ୍ଚାୟତରେ ଏହାର ସମ୍ପୂର୍ଣ୍ଣ ଓଲଟା ହୋଇଛି। ୨୦୧୮-୧୯ ଅଡିଟ ରିପୋର୍ଟ ଅନୁସାରେ ଭରତପୁର ପଞ୍ଚାୟତର ତତ୍କାଳୀନ ପିଇଓ ହିମାଂଶୁ ଶେଖର ବେହେରା (ବର୍ତ୍ତମାନ ମାଣ୍ଡୁକା ପଞ୍ଚାୟତର ପିଇଓ) ଯେତେବେଳେ ଦାୟିତ୍ୱ ହସ୍ତାନ୍ତର କରିଥିଲେ ସେତେବେଳେ ତାଙ୍କ ପାଖରେ ଥିବା ପଞ୍ଚାୟତ ପାଣ୍ଠିର ୨୦,୬୨୦ ଟଙ୍କା ଜମା କରି ନ ଥିଲେ। ତାହା ଏପର୍ଯ୍ୟନ୍ତ ଜମା ହୋଇ ନାହିଁ। ଏହା ତାହାକୁ ଅଡିଟ୍ ରିପୋର୍ଟରେ ଆତ୍ମସାତ୍ ବୋଲି ଦର୍ଶାଯାଇଛି। ଅନ୍ୟ ଏକ ଅଡିଟ ରିପୋର୍ଟରେ ଭରତପୁର ପଞ୍ଚାୟତର ତତ୍କାଳୀନ ପିଇଓ ସିଦିଓ ମୁଣ୍ଡରି (ବର୍ତ୍ତମାନ କୋରେଇ ବ୍ଲକରେ କାର୍ଯ୍ୟରତ) ତାଙ୍କ ଦାୟିତ୍ୱ ହସ୍ତାନ୍ତର ସମୟରେ ବୃଦ୍ଧାବୃଦ୍ଧଙ୍କ ପେନସନ ଟଙ୍କା ବାବଦକୁ ୩,୧୦,୧୦୦ ଟଙ୍କା ଜମା କରି ନ ଥିଲେ। କ୍ୟାଶବୁକ୍ ତଦନ୍ତ ସମୟରେ ଏହା ଜଣାପଡ଼ିଥିଲା। ଏନେଇ ପଞ୍ଚାୟତିରାଜ ବିଭାଗକୁ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ ହୋଇଛି। ସେହିପରି ସାମିଆ ପଞ୍ଚାୟତର ତତ୍କାଳୀନ ପିଇଓ ଜଳଧର ମହନ୍ତ(ବର୍ତ୍ତମାନ ସୁକିନ୍ଦା ବ୍ଲକରେ କାର୍ଯ୍ୟରତ)ବୃଦ୍ଧାବୃଦ୍ଧଙ୍କ ପେନସନ ଟଙ୍କା ବାବଦକୁ ୯୦,୬୦୦ ଟଙ୍କା ଜମା କରି ନାହାନ୍ତି । ଅଡିଟ ରିପୋର୍ଟରେ କ୍ୟାଶ୍ ବହି ଯାଞ୍ଚ ସମୟରେ ଏହା ଜଣାପଡିଥିଲା।

# ବଳାତ୍କାର ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ, ଜରିମାନା

ଯାଜପୁର ଟାଉନ,୫।୮(ଡି.ଏନ.ଏ.)



ଦଣ୍ଡିତ ହୋଇଥିବା ଅଭିଯୁକ୍ତ।

୨୦୧୫ ମସିହାରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ୧୫ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଯାଜପୁର ପୋକ୍ସୋ ଅଦାଲତ ବିଚାରପତି ଜ୍ଞାନେନ୍ଦ୍ର ବାରିକ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି।

ପ୍ରକାଶିତ ରାୟ ଅନୁସାରେ, ଧର୍ମଶାଳା ଥାନା ଅଞ୍ଚଳର ଜଣେ ୧୩ବର୍ଷର ନାବାଳିକା ପଡ଼ିଶା ଘରକୁ ଟିଭି ଦେଖିବାକୁ ଯାଇଥିଲେ। ତେବେ ସନ୍ଧ୍ୟାରେ ଲାଇନ୍‌କଟି ଯାଇଥିଲା। ଏହାର ସୁଯୋଗରେ ଅଭିଯୁକ୍ତ ଏହି ଥାନା ଅଧୀନ ଜୟସୁଙ୍ଗୁଡ଼ା ଅଞ୍ଚଳର ଅମରେଶ ପଣ୍ଡା (୩୦) ନାବାଳିକାଙ୍କୁ ଏକ ନିର୍ମାଣାଧୀନ କୋଠାକୁ ଡାକି ନେଇ ବଳାତ୍କାର କରିଥିଲେ। ନାବାଳିକା ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ନାବାଳିକାଙ୍କ ମା' ୨୮।୧୦।୨୦୧୫ରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୮୦।୧୫) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରୁଥିଲେ।

# ୧୩ରୁ ଘରକୁ ଘର ବୁଲି ଦିବ୍ୟାଙ୍ଗ ଚିହ୍ନଟ




ପଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ଯାଜପୁର ଟାଉନ,୫।୮(ଡି.ଏନ.ଏ.)

ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଗୁରୁବାର ଏକ ଦିବସୀୟ ଦିବ୍ୟାଙ୍ଗ ଚିହ୍ନଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଉପଯୁକ୍ତ ପ୍ରଶିକ୍ଷଣ ନେଇ ସହ ଜନ୍ମରୁ ୬ ବର୍ଷ ବୟସ୍କ ଦିବ୍ୟାଙ୍ଗଙ୍କ ସରକାର ଧାର୍ଯ୍ୟ କରିଥିବା ୨୧ ପ୍ରକାର ଦିବ୍ୟାଙ୍ଗତାକୁ ଅନୁଧ୍ୟାନ କରି ଠିକ ତଥ୍ୟ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ ଯୋଗଦେଇ ଦିବ୍ୟାଙ୍ଗ ଓ ସେମାନଙ୍କ ମାତାପିତା ଯେପରି ଅବହେଳାର ଶିକାର ନ ହୁଅନ୍ତି ସେଥିପ୍ରତି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିବା ଉଚିତ ବୋଲି କହିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଇନ୍ଦୁ ପ୍ରଭା ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କ ସମସ୍ୟା, ଆବଶ୍ୟକତା, ଚିହ୍ନଟ ଓ ଚିକିତ୍ସାର ତ୍ୱରାନ୍ୱିତ ଉପରେ ମତବ୍ୟକ୍ତ କରିଥିଲେ। ମାଷ୍ଟର ଟ୍ରେନର ବିଷ୍ଣୁପ୍ରିୟା ମହାନ୍ତି, ଅଭିମନ୍ୟୁ ମଲ୍ଲିକ, କମଳାକାନ୍ତ ବାରିକ ଆର୍‌ପିଡବ୍ଲ୍ୟୁଡି ଆକ୍ଟ-୨୦୧୬ ପ୍ରକାରେ ସ୍ଥାନୀତ ହୋଇଥିବା ଦିବ୍ୟାଙ୍ଗ ମାନଙ୍କ ୨୧ ଟି ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଜିଲାସ୍ତରୀୟ ଏହି ପ୍ରଶିକ୍ଷଣ ଶିବିରରେ ସିଡିପିଓ, ସୁପରଭାଇଜର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ବିଆର୍‌ଟି ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଚଳିତ ମାସ ୯ ରୁ ୧୨ ତାରିଖ ପର୍ଯ୍ୟନ୍ତ ବ୍ଲକସ୍ତରରେ ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ଏ ସମ୍ପର୍କରେ ତାଲିମ ଦିଆଯିବ। ସମସ୍ତ ୨୮୨୮ ଅଙ୍ଗନୱାଡି କେନ୍ଦ୍ରରେ ଚଳିତ ମାସ ୧୩ ତାରିଖଠାରୁ ଘରକୁ ଘର ଏହି ସର୍ବେକ୍ଷଣ କରାଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ବେହେରା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଅତିରିକ୍ତ ସମାଜ କଲ୍ୟାଣ ଅଧିକାରୀ ସୁବାସ ଚନ୍ଦ୍ର ସାମଲ ବିବିଧ ସୂଚନା ପ୍ରଦାନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ କର୍ମଚାରୀ ସ୍ନେହାଶିଷ ମିଶ୍ର, ସୋମନାଥ ମଲ୍ଲିକ, ବୈଦ୍ୟନାଥ ବିଶ୍ୱାଳ, ଅନିଲ ସାହୁ, ଭଗବାନ ଜେନା ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ୨ ପୂର୍ବତନ କ୍ରୀଡ଼ା ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

ରସୁଲପୁର,୫।୮(ଡି.ଏନ.ଏ.)

ରସୁଲପୁର ବ୍ଲକ ସିଂହାପରୁ ପଞ୍ଚାୟତ ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟର ୨ ପୂର୍ବତନ କ୍ରୀଡ଼ା ଶିକ୍ଷକଙ୍କ ବିୟୋଗ ଘଟିଛି। ଏହାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଦ୍ୟାଳୟରୁ ରାଧାକାନ୍ତ ବୋଷ ଅବସର ଗ୍ରହଣ କରିବା ପରେ ଲକ୍ଷ୍ମୀଧର ପଣ୍ଡା ଯୋଗ ଦେଇଥିଲେ। ସେ ଚଳିତବର୍ଷ ଅବସର ଗ୍ରହଣ କରିଥିଲେ। ତେବେ ଏହି ୨ଅବସରପ୍ରାପ୍ତ ଶିକ୍ଷକଙ୍କ ସପ୍ତାହ ବ୍ୟବଧାନରେ ମୃତ୍ୟୁ ହୋଇଛି। ଉଭୟ ଶିକ୍ଷକଙ୍କ ବିୟୋଗରେ ବିଦ୍ୟାଳୟ ପକ୍ଷରୁ ଶୋକସଭା କରାଯାଇଛି। ସେମାନଙ୍କୁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ପୁରାତନ ଶିକ୍ଷକ, ଶିକ୍ଷାବିତ୍ ଓ ସାମାଜିକ କର୍ମୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଶିକ୍ଷକ ଭୂମିକା ଗ୍ରୁପ୍‌ର ଅଧ୍ୟକ୍ଷ ଭୀଷ୍ମ ପ୍ରସାଦ ରଥ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବରେ ଶିକ୍ଷକ ନିଳମଣି ପଣ୍ଡା, କୁଶମଣି ପଣ୍ଡା ଓ ବେଣୁଧର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଦ୍ୱୟ ଚାକିରି କାଳ ମଧ୍ୟରେ ବହୁ ପ୍ରତିଭାବାନ କ୍ରୀଡ଼ାବିତ୍ ଗଢି ତୋଳି ପାରିଥିଲେ। ପିଲାଙ୍କ ଶାରିରୀକ ଶିକ୍ଷା ଦେବାରେ ବିଶେଷ ଧ୍ୟାନ ଦେଉଥିଲେ।

# ଛାତ୍ର କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଯାଜପୁର ଟାଉନ,୫।୮(ଡି.ଏନ.ଏ.)

ଓଡ଼ିଶା ଷ୍ଟାଫ୍ ସିଲେକଶନ୍ କମିଶନ (ଏସ୍‌ଏସ୍‌ସି)ରେ ପରୀକ୍ଷା ଓ ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହୋଇଛି। ତେଣୁ ଏହାର ନିରପେକ୍ଷ ତଦନ୍ତ ନିମନ୍ତେ ଯାଜପୁର ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ଅନନ୍ତ ଦାସଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ଏସ୍‌ଏସ୍‌ସିର ଜଣେ ବରିଷ୍ଠ ମେମ୍ବରଙ୍କ ଷ୍ଟେନୋଙ୍କ ଘରୁ ଭିଜିଲାନ୍ସ ଚଢ଼ାଉ କରି କୋଟିକୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଜବତ କରିବା ଘଟଣା ଓଡ଼ିଶାବାସୀଙ୍କୁ ଚକିତ କରିଛି। ଉକ୍ତ ଅଫିସ୍‌ର ଜଣେ କିରାଣି କିପରି ଆଲିଶାନ ବଙ୍ଗଳା, କୋଟି କୋଟି ଟଙ୍କା, ୧୦ରୁ ଊର୍ଦ୍ଧ୍ୱ ପ୍ଲଟ୍, ଲକ୍ଷ ଲକ୍ଷ ଟଙ୍କାର ସୁନା ଓ ହୀରା ଅଳଙ୍କାର, ଦାମୀ କାର ଏବଂ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମାଲିକ ହୋଇପାରିଲେ ତାହାର ନ୍ୟାୟିକ ତଦନ୍ତ କରାଯିବା ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। କଂଗ୍ରେସ ନେତା ସନ୍ତୋଷ ନନ୍ଦ, ମନୋରଞ୍ଜନ ଦାସ, ବିକ୍ରମ ସେନାପତି, ଆଶୁତୋଷ ରାଉତ, ବିଭୂତି ମହାପାତ୍ର, ଦୁର୍ଯ୍ୟୋଧନ ବେହେରା, ହୃଷୀକେଶ ପତି, ଶ୍ୟାମସୁନ୍ଦର କର, ଦେବେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।




ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଉଛି।

# କୋରେଇ ଥାନା ଅଞ୍ଚଳରେ ବଢୁଛି ଲୁଟ୍

ରଗଡ଼ି,୫।୮(ଡି.ଏନ.ଏ.)

**ପୋଲିସ ହାତ ଖାଲି**

କୋରେଇ ଥାନା ଅଞ୍ଚଳରେ ଦିନକୁଦିନ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ରାତିରେ ଏହି ଲୁଟେରାମାନେ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ପଶି ସୁନା ଅଳଙ୍କାର ଓ ଟଙ୍କା ଆଦି ଲୁଟି ନେଉଛନ୍ତି। ଏଥିସହିତ ଲୁଟର ଶିକାର ପରିବାରକୁ ମାଡ଼ ମାରିବା ସହ ଧାରୁଆଅସ୍ତ୍ରରେ ଆକ୍ରମଣ କରୁଛନ୍ତି। ହେଲେ ପୋଲିସ ଏପର୍ଯ୍ୟନ୍ତ କୌଣସି ଲୁଟେରାଙ୍କୁ କାବୁ କରିବାରେ ସଫଳ ହୋଇପାରିନାହିଁ। ରବିବାର ରାତି ପ୍ରାୟ ୨ଟାରେ ଅନ୍ଧାରି ପଞ୍ଚାୟତ କୋରାବନ୍ଦୀ(ବ୍ରାହ୍ମଣ ଶାସନ)ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବିକଳ ତ୍ରିପାଠୀଙ୍କ ଘର ଝରକା ଭାଙ୍ଗି ଲୁଟେରା ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ଲୁଟେରା ଏହି ଗ୍ରାମର ପବିତ୍ର ରାଉତଙ୍କ ଗ୍ରସେରି ଦୋକାନ ତାଲା ଭାଙ୍ଗି ୪୬୦୦ ଟଙ୍କା ଓ ପାଖାପାଖି ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ରାସନ ଲୁଟି ନେବା ସହିତ ଦୋକାନରେ ଲାଗିଥିବା ସମସ୍ତ ସିସିଟିଭି କ୍ୟାମେରାକୁ ଭାଙ୍ଗି ଚମ୍ପଟ ମାରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତତ୍ପରତା ପ୍ରକାଶ କରି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାର ଖୋଳତାଡ଼ ଆରମ୍ଭ କରିଥିଲା। ହେଲେ ଏପର୍ଯ୍ୟନ୍ତ ପୋଲିସ ଲୁଟେରାଙ୍କୁ କାବୁ କରିବାକୁ ସକ୍ଷମ ହୋଇପାରିନାହିଁ। ସେହିପରି କିଛି ଦିନ ତଳେ ସାହାଡ଼ାକୋଳି ଗ୍ରାମର ଜୈନିକ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବାବେଳେ ଉକ୍ତ ଦମ୍ପତିଙ୍କୁ ସମ୍ପୃକ୍ତ ଲୁଟେରା ଧାରୁଆ ଅସ୍ତ୍ରରେ ହାଣି ଲହୁଲୁହାଣ କରିଥିଲେ। ୧ ମାସ ବିତିଯାଇଥିଲେ ମଧ ପୋଲିସ ସେଥିରେ ସମ୍ପୃକ୍ତ ଥିବା କୌଣସି ଲୁଟେରାଙ୍କୁ ଧରିବାକୁ ସକ୍ଷମ ହୋଇନାହିଁ। ଫଳରେ ଅଞ୍ଚଳରେ ସାଧାରଣ ଲୋକଙ୍କ ଧନ ଓ ଜୀବନର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସର ମନ୍ଥର ତଦନ୍ତ ଯୋଗୁ ଲୁଟେରା ଚୋରି ଛିନ୍‌ତାଇ ଓ ରାହାଜାନି ଘଟାଇ ଚାଲିଛନ୍ତି ବୋଲି ଅଭିଯୋଗ ହୋଇଛି। ଜିଲା ପୋଲିସ ଘଟଣାକୁ ଗୁରୁତର ସହ ନେଇ ଏଭଳି ଲୁଟପାତ ଘଟାଉଥିବା ଲୁଟେରାଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଶେଷଇଚ୍ଛା ପୂରଣ କଲେ କ୍ୟାନସର ପୀଡ଼ିତ ଧ୍ରୁବାନନ୍ଦ

ଧର୍ମଶାଳା,୫।୮(ଡି.ଏନ.ଏ.)



ଧ୍ରୁବାନନ୍ଦ ଗୀତ ଗାଉଛନ୍ତି।

ଧର୍ମଶାଳା ବ୍ଲକ ଅଧୀନ କ୍ଷେତ୍ରପାଳ ଗ୍ରାମର ବ୍ଲଡ୍ କ୍ୟାନସର ପୀଡ଼ିତ ଧ୍ରୁବାନନ୍ଦ ଦାସଙ୍କ ଶେଷ ଇଚ୍ଛା ପୂରଣ ହୋଇଛି। ଧ୍ରୁବାନନ୍ଦ ଜଣେ ଜଗନ୍ନାଥ ପ୍ରେମୀ ହୋଇଥିବା ବେଳେ ସେ ବିଭିନ୍ନ ମେଳା ଓ ଧାର୍ମିକ କାର୍ଯ୍ୟକ୍ରମରେ ଜଗନ୍ନାଥଙ୍କ ଜଣାଣକୁ ସୁମଧୁର କଣ୍ଠରେ ଗାଇ ଶ୍ରୋତାଙ୍କୁ ବିମୁଗ୍ଧ କରିଥାନ୍ତି। ତେବେ ତାଙ୍କର ଇଚ୍ଛା ଥିଲା ସେ ଦିନେ ଜଗନ୍ନାଥଙ୍କ ଜଣାଣକୁ ଷ୍ଟୁଡିଓରେ ଗାଇବେ। ହେଲେ ୧ ବର୍ଷ ହେଲା ବ୍ଲଡ କ୍ୟାନସର ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। କ୍ୟାନସରର ଚତୁର୍ଥଷ୍ଟେଜରେ ସେ ରହିଥିବା ବେଳେ ତାଙ୍କର ଅନ୍ତିମ ଇଚ୍ଛାକୁ ପୂରଣ କରିବାରେ ସହାୟକ ହୋଇଛି ଆଶାର ଦୀଶା ଫାଉଣ୍ଡେଶନ। ଏଥିସହିତ ଧ୍ରୁବଙ୍କ ଚିକିତ୍ସା ପାଇଁ ଫାଉଣ୍ଡେସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଫାଉଣ୍ଡେଶନ କର୍ମକର୍ତ୍ତା ତାଙ୍କୁ ଭୁବନେଶ୍ୱରସ୍ଥିତ ଉତ୍କଳ ସାମ୍ବାଦିକ ଭବନକୁ ନେଇ ସମ୍ବର୍ଦ୍ଧିତ କରିବା ସହିତ ଶଷ ଇଚ୍ଛା ପୂରଣ କରିବାର ବ୍ୟବସ୍ଥା କରିଛନ୍ତି। ଭୁବନେଶ୍ୱରସ୍ଥିତ ଭାଇବ୍ରେସନ ଷ୍ଟୁଡିଓରେ ଧ୍ରୁବାନନ୍ଦ ଜଗନ୍ନାଥଙ୍କ ଜଣାଣକୁ ଅତି ସୁନ୍ଦର ସ୍ୱରରେ ଗାଇ ଏକ କ୍ୟାସେଟ ପ୍ରସ୍ତୁତ କରିଛନ୍ତି। ଧ୍ରୁବାନନ୍ଦଙ୍କ ଏହି ଗୀତ ଏବେ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି। ଏହି ଗୀତରୁ ଯାହା ରୟାଲଟି ଆସିବ ତାହା ଧ୍ରୁବାନନ୍ଦଙ୍କ ପରିବାରକୁ ଦିଆଯିବ ବୋଲି ଫାଉଣ୍ଡେଶନର ଯାଜପୁର ଜିଲା ସଂଯୋଜକ ସର୍ବେଶ୍ୱର ବାରିକ ସୂଚନା ଦେଇଛନ୍ତି।

# ଝରକା ତାଡ଼ି ସୁନା ଅଳଙ୍କାର ଚୋରି

ରଗଡ଼ି,୫।୮(ଡି.ଏନ.ଏ.)

ଯାଜପୁର ଜିଲା କୋରେଇ ଥାନା ଚାନ୍ଦମାରେ ବୁଧବାର ବିଳମ୍ବିତ ରାତିରେ ଏକ ବଡ଼ଧରଣର ଚୋରି ହୋଇଛି। ଗ୍ରାମର ବିଷ୍ଣୁଚରଣ ସାହୁଙ୍କ ଘରର ଝରକା ତାଡ଼ି ଦୁର୍ବୃତ୍ତମାନେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର, ୧୫ ହଜାର ଟଙ୍କା ସମେତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି।

# ଆବାସ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ

ରସୁଲପୁର,୫।୮(ଡି.ଏନ.ଏ.)

- ବାତ୍ୟାରେ ଭାଙ୍ଗିଗଲା ଘର
- ମିଳିଲାନି ସରକାରୀ ସହାୟତା
- ୧୭ବର୍ଷ ହେଲା ପଲିଥିନ ତଳେ ପରିବାର

ସରକାରୀ ଗୃହ ପ୍ରଦାନରେ ପାତରଅନ୍ତର ହେଉଛି। ଥିଲାବାଲାଙ୍କୁ ଘର ମିଳୁଥିବା ବେଳେ ଗରିବ ଦିନ ମଜୁରିଆଙ୍କୁ ଅଣଦେଖା କରାଯାଉଛି। ତୃଣମୂଳସ୍ତରର ଅଧିକାରୀମାନଙ୍କ ଭୁଲତ୍ରୁଟି ଯୋଗୁ ସରକାରୀ ସହାୟତା ବାଟବଣା ହେଉଛି। ଏଭଳି ଅଭିଯୋଗ ଦେଖିବାକୁ ମିଳିଛି ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତର ହନୁମାନ ସାହିରେ। ଉକ୍ତ ସାହିର ଆନନ୍ଦ ସାହୁଙ୍କ ପରିବାର ୧୭ବର୍ଷ ହେଲା ପଲିଥିନ ତଳେ ଜୀବନ ବିତାଉଛନ୍ତି। ବାତ୍ୟା, ବନ୍ୟା ଭଳି ଦୁର୍ବିପାକ ସମୟରେ ସ୍କୁଲ ବାରଣ୍ଡା ଓ ଗାଁ ଠାକୁରଘର ପିଣ୍ଡାରେ ଆନନ୍ଦଙ୍କ ପରିବାରର ଆଶ୍ରୟ ନେଉଛନ୍ତି। ଘର ଖଣ୍ଡେ ନିର୍ମାଣ କରିବାକୁ କ୍ଷମତା ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ହେଲେ ଆନନ୍ଦଙ୍କ ପରିବାରର ଦୁଃଖ ଦୁର୍ଦ୍ଦଶାକୁ ଜନପ୍ରତିନିଧି ଓ ସରକାରୀ ଅଧିକାରୀ ଅଣଦେଖା କରିଆସୁଛନ୍ତି। ତେଣୁ ସେ ବାଧହୋଇ ଆବାସ ଖଣ୍ଡେ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଦୁଃଖ ବୁଝିବେ ବୋଲି ସେ ଆଶାବାଦୀ ଅଛନ୍ତି।

ଆନନ୍ଦ ମୁଲଲାଗି ପରିବାର ପ୍ରତିପୋଷଣ କରୁଛନ୍ତି। ତାଙ୍କ ପରିବାରକୁ ୨୦୦୨-୦୩ ମସିହାରେ ଇନ୍ଦାର ଆବାସ ମିଳିଥିଲା। ଉକ୍ତ ସହାୟତାରେ ସେ ଗୋଟିଏ ବଖରା ଘର କରିଥିଲେ। ମାତ୍ର ବାତ୍ୟାରେ ଘର ଉପରେ ନଡ଼ିଆ ଗଛ ପଡ଼ିବାରୁ ଘର ଭାଙ୍ଗିଯାଇଥିଲା। ଏନେଇ ସେ ପ୍ରଶାସନ ଦୃଷ୍ଟିକୁ ଆଣିଥିଲେ। ହେଲେ ଏ ବାବଦରେ ତାଙ୍କୁ କୌଣସି ସହାୟତା ମିଳିଲା ନାହିଁ। ସରକାରୀସ୍ତରରେ ତାଙ୍କ ଘରକୁ ବିପଦସଂକୁଳ ବୋଲି ଦର୍ଶାଗଲା ନାହିଁ। ଯେଉଁ ଭୁଲ ପାଇଁ ଆନନ୍ଦଙ୍କ ପରିବାର ପଲିଥିନ ତଳେ ବାସ କରୁଛନ୍ତି। ଏହାରି ଭିତରେ ବହୁ ବାତ୍ୟାବନ୍ୟା ଅତିକ୍ରମ କରିସାରିଲାଣି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାରୀ ଅଧିକାରୀ ଓ ଜନପ୍ରତିନିଧି ଆସି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବା ପାଇଁ ପରାମର୍ଶ ଦେଉଛନ୍ତି। ପରେ ତାଙ୍କର ଦୁରାବସ୍ଥାକୁ ଭୁଲି ଯାଉଛନ୍ତି ବୋଲି ଆନନ୍ଦ ଅଭିଯୋଗ କରିଛନ୍ତି। ତାଙ୍କୁ ଘର ମିଳିଛି ବୋଲି ଆଳକରି ପ୍ରଶାସନ ତାଙ୍କ ସମସ୍ୟାକୁ ଅଣଦେଖା କରୁଛି। ତେଣୁ ସେ ପ୍ରଶାସନିକ ଅଧିକାରୀଙ୍କ ତଦନ୍ତକୁ ଦାୟୀ କରିଛନ୍ତି। ଏସମ୍ପର୍କରେ ପ୍ରତିକ୍ରିୟା ଲାଗି ରସୁଲପୁର ଭାରପ୍ରାପ୍ତ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ଦୁର୍ଜେୟ ଷଡ଼ଙ୍ଗୀ କହିଛନ୍ତି, ଏପରି ଅଭିଯୋଗ ମୋ ନିକଟକୁ ଆସିନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ।



ଘର ଆଗରେ ଆନନ୍ଦ ସାହୁ।

# ଡେମୋ ଦେଖାଇଲେ ଅଭିଯୁକ୍ତ ସ୍ତ୍ରୀ

ଯାଜପୁର ଅଫିସ/ଝୁମ୍ପୁରୀ/ଦଶରଥପୁର (ଡି.ଏନ୍.ଏ),୫।୮

**ସୁବାସ କୁଅଁର ହତ୍ୟା ଘଟଣା**
- ସେକ୍ସ ର୍‍ୟାକେଟକୁ ନେଇ ଚର୍ଚ୍ଚା

ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଇସମାଇଲପୁର ଗ୍ରାମର ଭାଜପା ନେତା ସୁବାସ କୁଅଁର (ଅଟଳ)ଙ୍କୁ ହତ୍ୟା ଘଟଣା ରୋଚକ ମୋଡ଼ରେ ପହଞ୍ଚିଛି। ଏହି ଘଟଣାରେ ଅଟଳଙ୍କ ସ୍ତ୍ରୀ ମମତାଙ୍କୁ ଯାଜପୁର ପୋଲିସ ଗିରଫ କରିଥିବାବେଳେ ଗତ ୩ ଦିନ ତଳେ ସ୍ଥାନୀୟ ଅଞ୍ଚଳର ଆଉ ଜଣେ ଯୁବକ ଅଜୟ ସାମଲଙ୍କୁ ରାଉରକେଲାର ଏକ ଲଜ୍‌ରୁ ଗିରଫ କରିଛି। ଏହି ଦୁଇଜଣଙ୍କୁ ଛାଡ଼ି ଆହୁରି କେତେଜଣ ଲୋକ ଏହି ହତ୍ୟାରେ ସମ୍ପୃକ୍ତ ଅଛନ୍ତି ବୋଲି ଅଟଳଙ୍କ ଭାଇ ଅଭିଯୋଗ କରୁଛନ୍ତି। ପୋଲିସ ମମତାଙ୍କୁ ରିମାଣ୍ଡରେ ଆଣି ଗତ ୩ ଦିନ ହେଲା ମାରାଥନ ଜେରା ଜାରି ରଖିଛି। ବୁଧବାର ରାତିରେ ହତ୍ୟାସ୍ଥଳକୁ ମମତା ଓ ଅଜୟଙ୍କୁ ନେଇ ଘଟଣା ଉପରେ ଡେମୋ କରାଯାଇଛି। ଏସ୍‌ପି ରାହୁଲ ପି.ଆର୍. ଉପସ୍ଥିତ ରହି ଏହି ଡେମୋ କରାଇଥିବାବେଳେ ବରିଷ୍ଠ ପୋଲିସ ଅଧିକାରୀମାନେ ସେଠାରେ ଥିଲେ। ଯୋଜନାବଦ୍ଧ ଭାବେ ହତ୍ୟାକାଣ୍ଡ ଘଟିଥିବା ଅଟଳଙ୍କ ଭାଇ ରଞ୍ଜନ କୁଅଁର ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଅଧିକ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡର ଖିଅ ଖୋଜୁ ଖୋଜୁ ପୋଲିସ ହାତରେ ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ ଲାଗିଛି। ମଙ୍ଗଳପୁର ବଜାର ସମେତ ଆଖପାଖରେ ଏକ ବଡ଼ଧରଣର ସେକ୍ସ ର୍‍ୟାକେଟ୍ ଚାଲିଥିବାବେଳେ ତାହାର ନେଟ୍‌ୱର୍କ ରାଜ୍ୟର ବହୁ ସହରକୁ ଲମ୍ବିଥିବା ପୋଲିସ ସୂଚନା ପାଇଛି। ଏହି ସେକ୍ସ ର୍‍ୟାକେଟ୍‌ର ଭଉଁରି ଭିତରେ ପଡ଼ି ନିରୀହ ଅଟଳଙ୍କ ଜୀବନ ଯାଇଥିବା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।



ଡେମୋ ପାଇଁ ମମତାଙ୍କୁ ନିଆଯାଉଛି।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଜଣେ ମୃତ

ଖଜୁରୀପଡ଼ା/ ବଲସକୁମ୍ପା,୫।୮ (ଡି.ଏନ.ଏ.): ଖଜୁରୀପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ରୁଗୁଡ଼ିସାହିର ମେଦିନୀ କହଁରଙ୍କ ଘରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ବୁଧବାର ସନ୍ଧ୍ୟାରେ ଖୁଣ୍ଟରେ ଚଢ଼ି ତାର ଲଗାଇ ନିଜ ଘରକୁ ସଂଯୋଗ ନେଲାବେଳେ ଖୁଣ୍ଟ ଉପରୁ ଖସିପଡି ମୃତ୍ୟୁ ଘଟିଛି। ଘରେ ତାଙ୍କ ସ୍ତ୍ରୀ ଓ ଛୋଟ ଛୋଟ ଦୁଇ ପୁଅ, ଝିଅ ଅଛନ୍ତି।

### ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର ଅଫିସ୍,୫।୮: ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘ ପକ୍ଷରୁ ସିଟି ହସ୍ପିଟାଲ ରୋଡସ୍ଥିତ ଜୀବନ କ୍ଲବଠାରେ ଗୁରୁବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ଅନ୍ୟ ପ୍ରତିଷ୍ଠାତା ତଥା ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ସ୍ୱର୍ଗତ ଉମାକାନ୍ତ ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏହି ସଭା ହୋଇଥିଲା। ଏଥିରେ ସଂଘର ରାଜ୍ୟ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲବ ଅଧକ୍ଷତା କରିଥିଲେ। ପୂର୍ବତନ ସଭାପତି ଦେବରାଜ କୋଠିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ପୂର୍ବତନ ସମ୍ପାଦକ କୃଷ୍ଣଚନ୍ଦ୍ର ପାତ୍ର, ଭଞ୍ଜନଗର ଖଣ୍ଡ ସମ୍ପାଦକ ସୁରେନ୍ଦ୍ର କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସ୍ୱର୍ଗତ ଦାସ ଜନସ୍ୱାସ୍ଥ୍ୟ ବିଭାଗ ଓ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗରେ କାର୍ଯ୍ୟରତ ବହୁ ଶ୍ରମିକଙ୍କ ସମସ୍ୟା ସମାଧାନ କରିବା କ୍ଷେତ୍ରରେ ଉଦ୍ୟମ କରି ଆସୁଥିଲେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

### ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ବ୍ରହ୍ମପୁର ଅଫିସ୍,୫।୮: ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୩୨ ନଂ. ୱାର୍ଡରେ ଗୁରୁବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଉକ୍ତ ୱାର୍ଡର ଏଏନ୍ଏମ୍ ଗାୟତ୍ରୀ ବେହେରା ଓ ଅଞ୍ଚଳ ପରିଦର୍ଶିକା ପଦ୍ମିନୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ କର୍ପୋରେଟର ମମତା ପାତ୍ର ଯୋଗଦେଇ ଗର୍ଭବତୀ, ପ୍ରସୂତି ମା’ମାନଙ୍କୁ ସ୍ତନ୍ୟପାନର ଉପଯୋଗିତା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଶିଶୁ ପାଇଁ ସ୍ତନ୍ୟପାନ ୬ ମାସ ଯାଏ ନିହାତି ଜରୁରୀ। ଏଥିସହ ମା’ମାନେ ସୁଷମ ଆହାର ଖାଇବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମ ମାଧମରେ ସଚେତନ କରାଯାଇଥିଲା। ତତ୍‌ସହିତ ଡେଙ୍ଗୁ ନିରାକରଣ ନିମନ୍ତେ ରାଲି ମାଧମରେ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡି କର୍ମୀ ଦୀପ୍ତିଲେଖା ମିଶ୍ର, ସୁନିତା ଦାଶ, ସଂଘମିତ୍ରା ପଣ୍ଡା, ସହାୟିକା କର୍ମୀ ଲକ୍ଷ୍ମୀ ବେହେରାଙ୍କ ସମେତ ଗର୍ଭବତୀ ଓ ପ୍ରସୂତି ମହିଳାମାନେ ଉପସ୍ଥିତ ଥିଲେ।

### ମଦ କାରଖାନାରେ ଚଢ଼ାଉ ଘଟଣା
### ୨ କୋର୍ଟ ଚାଲାଣ

ବ୍ରହ୍ମପୁର, ଅଫିସ,୫।୮: ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ସୌନ୍ଦର୍ଯ୍ୟନଗରସ୍ଥିତ ଏକ ଘରେ ଚାଲିଥିବା ନକଲି ମଦ ପ୍ରସ୍ତୁତି କାରଖାନାରେ ବୁଧବାର ପୋଲିସ ଚଢାଉ କରିଥିଲା। ସେଠାରୁ ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ କରିଥିଲା। ପୋଲିସ ମାଷ୍ଟରମାଇଣ୍ଡ ଜଗଦଲପୁର ଗ୍ରାମର ଶିବରାମ ପରିଡା ଓ ତାଙ୍କ ସହଯୋଗୀ କବିସୂର୍ଯ୍ୟନଗରର ଦୀପକ ଗୌଡ଼ ଓରଫ ବାବୁଙ୍କୁ ଗିରଫ କରିଥିଲା। ଜବତ ନକଲି ମଦ ଓ ସ୍ପିରିଟର ନମୁନା ସଂଗ୍ରହ କରାଯାଇଛି। ସେଗୁଡିକ କେମିକାଲ ପରୀକ୍ଷା ପାଇଁ ପଠାଯିବ ବୋଲି ଥାନାଧିକାରୀ ମହେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ମାମଲା ନମ୍ବର ୨୬୧/୨୧ରେ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ନକଲି ମଦ ପ୍ରସ୍ତୁତ କରି ଜିଲାର ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ଚାଲାଣ କରୁଥିଲେ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି।

### ବୁଗୁଡ଼ା ବନାଞ୍ଚଳରେ ୧୦ ହାତୀ, ଚିନ୍ତାରେ ବନ ବିଭାଗ

ବୁଗୁଡ଼ା,୫।୮ (ଡି.ଏନ.ଏ.): ଦୀର୍ଘଦିନର ବ୍ୟବଧାନ ପରେ ବର୍ତ୍ତମାନ ବୁଗୁଡ଼ା ବନାଞ୍ଚଳରେ ୧୦ ହାତୀ ଥିବା ପଲ ପ୍ରବେଶ କରୁଥିବା ଜଣାପଡ଼ିଛି। ଏନେଇ ପୁଣି ବନ ବିଭାଗ କର୍ମଚାରୀଙ୍କ ଚିନ୍ତା ବଢ଼ିଯାଇଛି। ଉକ୍ତ ହାତୀପଲ ଖୋର୍ଦ୍ଧା ଜଙ୍ଗଲରୁ ବୁଧବାର ରାତିରେ ଆସି ସ୍ଥାନୀୟ ବନାଞ୍ଚଳ ଅନ୍ତର୍ଗତ କିରିଆମ୍ବା ଜଙ୍ଗଲରେ ପହଞ୍ଚିଛନ୍ତି। ଏହି ହାତୀପଲରେ ୬ଟି ମାଈ ହାତୀ, ୩ଟି ଛୁଆ ହାତୀ ଓ ଗୋଟିଏ ଦନ୍ତା ଥିବା ଜଣାପଡ଼ିଛି। ଲୋକ କିମ୍ବା କୌଣସି ଫସଲର ଯେପରି କ୍ଷୟକ୍ଷତି ନ ହୁଏ ସେଥିପାଇଁ ବନ ବିଭାଗ ତରଫରୁ ରାତ୍ରି ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଥିବା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା କହିଛନ୍ତି।

# ଏମ୍‌କେସିଜିରେ ଖୋଲିଲା ୨ ନିରାମୟ କେନ୍ଦ୍ର

ବ୍ରହ୍ମପୁର ଅଫିସ,୫।୮

ବ୍ରହ୍ମପୁର ବଡ ମେଡିକାଲରେ ଗୁରୁବାର ଦୁଇଟି ନିରାମୟ ଔଷଧ ବିତରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଛନ୍ତି। କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିଯିବା ପରେ ଏବେ ଏମ୍‌କେସିଜି ମେଡିକାଲରେ ସାଧାରଣ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ମେଡିକାଲକୁ ଆସୁଥିବା ରୋଗୀ ସଂଖ୍ୟା ବହୁ ପରିମାଣରେ ବଢିଯାଇଛି। ଚିକିତ୍ସା ପରେ ରୋଗୀମାନେ ମାଗଣା ଔଷଧ ପାଇଁ ନିରାମୟ କେନ୍ଦ୍ରକୁ ଯାଉଛନ୍ତି। ସେଠାରେ ଗତ କିଛିଦିନ ହେଲା ଔଷଧ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା। ଏହାକୁ ଦୃଷ୍ଟିରେ ରଖି ଏମ୍‌କେସିଜି ମେଡିକାଲରେ ଗୁରୁବାର ଆଉ ଦୁଇଟି ନିରାମୟ ଔଷଧ କେନ୍ଦ୍ର ଖୋଲାଯାଇଛି। ଏଥିରେ ଅଧୀକ୍ଷକ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର ଯୋଗଦେଇ କହିଛନ୍ତି, ମେଡିକାଲରେ ଚିକିତ୍ସା ପରେ ରୋଗୀମାନେ ଯେପରି ସହଜରେ ନିରାମୟ କେନ୍ଦ୍ରରୁ ଔଷଧ ପାଇପାରିବେ ସେହି ଲକ୍ଷ୍ୟରେ ଆଉ ଦୁଇଟି କେନ୍ଦ୍ର ଖୋଲାଯାଇଛି। ପୂର୍ବରୁ ୪ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହିଥିବା ବେଳେ ଏବେ ଉଦ୍‌ଘାଟିତ ହୋଇଥିବା ଦୁଇଟି କେନ୍ଦ୍ରକୁ ମିଶାଇ ମୋଟ ୬ କେନ୍ଦ୍ର ହୋଇଯାଇଛି। ଜିଲାପାଳ ଉଦ୍‌ଘାଟନ କରିଥିବା ଦୁଇଟି ନିରାମୟ କେନ୍ଦ୍ର ମଧ୍ୟରୁ ଗୋଟିଏ କେବଳ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଗୋଟିଏ ପଟେ ମହିଳା ଓ ଅନ୍ୟ ପଟେ ପୁରୁଷମାନେ କେନ୍ଦ୍ରକୁ ଯାଇ ଔଷଧ ନେଇ ପାରିବେ ବୋଲି ସେ କହିଛନ୍ତି। ଶୁକ୍ରବାରରୁ ଏହି ଦୁଇ କେନ୍ଦ୍ର କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଧକ୍ଷ ତଥା ଡିନ ପ୍ରଫେସର ଦୀପ୍ତିମୟୀ ତ୍ରିପାଠୀ, ଅତିରିକ୍ତ ଅଧୀକ୍ଷକ ଡା.କିରଣ ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ଏମ୍‌କେସିଜିରେ ଦୁଇ ନିରାମୟ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

- ଆଜିଠୁ ମିଳିବ ଔଷଧ
- ବରିଷ୍ଠ ନାଗରିକଙ୍କ ପାଇଁ ଗୋଟିଏ କେନ୍ଦ୍ର

# ପଞ୍ଚାୟତ ନିର୍ବାଚନ ପାଇଁ ଏବେଠୁ ପ୍ରସ୍ତୁତ ହୁଅ

ବ୍ରହ୍ମପୁର ଅଫିସ,୫।୮

- ନେତା, କର୍ମୀଙ୍କୁ ଜିଲା ବିଜେଡି ପର୍ଯ୍ୟବେକ୍ଷକଙ୍କ ପରାମର୍ଶ
- ଗୋପାଳପୁର ପାଇଁ ନୂଆ ନେତା ଖୋଜା ଆରମ୍ଭ

ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ପାଇଁ ଏବେଠୁ ପ୍ରସ୍ତୁତ ହେବାକୁ ବିଜେଡି ନେତା ଓ କର୍ମୀଙ୍କୁ ମନ୍ତ୍ର ଫୁଙ୍କିଛନ୍ତି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ଦଳର ଗଞ୍ଜାମ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିବାର ମାସକ ପରେ ଗତ ବୁଧବାର ପ୍ରଥମଥର ବ୍ରହ୍ମପୁର ଗସ୍ତରେ ଆସି ସେ ସାଙ୍ଗଠନିକ ସ୍ଥିତି ପରଖିଥିଲେ । ବିଳମ୍ବିତ ସନ୍ଧ୍ୟା ଯାଏ ଜିଲା ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଧାୟକ ବିକ୍ରମ ପଣ୍ଡା ଓ ସୁବାସ ବେହେରାଙ୍କ ସମେତ ଅନ୍ୟମାନଙ୍କ ସହ ପୃଥକ ଭାବେ ଆଲୋଚନା କରିଥିଲେ। ଏହି ଜିଲାରେ ଦଳର ସଂଗଠନ ମଜଭୁତ ଥିଲେ ମଧ ଅଧିକ କ୍ରିୟାଶୀଳ କରାଯିବାକୁ ଗୁରୁତ୍ୱ ଦେଇଥିଲେ।

ଏହି ଅବସରରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର କେତେକ ଆଞ୍ଚଳିକ ନେତାଙ୍କ ସହିତ ସେ ସ୍ୱତନ୍ତ୍ର ଭାବେ ଆଲୋଚନା କରିଥିଲେ। ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ବିଜେଡିର ବିକଳ୍ପ ନେତା ଖୋଜା ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ଇତିମଧ୍ୟରେ ବହୁବାର ଗସ୍ତ କରି ଉନ୍ନୟନ କାର୍ଯ୍ୟ ଏବଂ ଅଞ୍ଚଳବାସୀଙ୍କ ସମସ୍ୟା ଅନୁଧ୍ୟାନ କରିଥିଲେ।

ଗୋପାଳପୁରରେ ବିରୋଧୀ ଦଳକୁ କଡ଼ା ଟକ୍କର ଦେବା ଭଳି ବିଜେଡି ପକ୍ଷରୁ ନୂଆ ନେତା ମନୋନୀତ କରାଯିବାକୁ ପର୍ଯ୍ୟବେକ୍ଷକଙ୍କଠାରୁ ଆଭାସ ମିଳିଛି।

# ମହିଳା କ୍ରିକେଟରଙ୍କ ଭୁବନେଶ୍ୱର ଯାତ୍ରା


ଚୟନ ଶିବିରରେ ଯୋଗଦେବା ପାଇଁ ମନୋନୀତ କ୍ରୀଡ଼ାବିତ୍।

ବ୍ରହ୍ମପୁର ଅଫିସ,୫।୮

ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ରାଜ୍ୟ ସିନିୟର ମହିଳା କ୍ରିକେଟ ଟିମ୍ ନିମନ୍ତେ ଅଗଷ୍ଟ ୬ ରୁ ୧୫ ପର୍ଯ୍ୟନ୍ତ ଏକ ଚୟନ ଶିବିର ଭୁବନେଶ୍ୱର କିଟ୍ ଖେଳପଡ଼ିଆରେ ଅନୁଷ୍ଠିତ ହେଉଛି। ଏହି କ୍ୟାମ୍ପରେ ଯୋଗଦେବା ନିମନ୍ତେ ବ୍ରହ୍ମପୁର କ୍ରିକେଟ ସଂଘ ପକ୍ଷରୁ ତିନି ଜଣ ମହିଳା କ୍ରୀଡ଼ାବିତ୍ ମନୋନୀତ ହୋଇଛନ୍ତି। ଗୁରୁବାର ଏମାନେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ମନୋନୀତ କ୍ରୀଡ଼ାବିତମାନେ ହେଲେ ପୂଜା ବାଇତାରୁ, ପୂଜା ମଲିକ ଏବଂ ମୋନାଲିସା ବିଶ୍ୱାଳ। ଏନେଇ ବ୍ରହ୍ମପୁର କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁ କହିଛନ୍ତି, ଚୟନ ଶିବିରିରେ ଉତ୍ତମ ପ୍ରଦର୍ଶନ କରି କ୍ରୀଡ଼ାବିତ୍‌ମାନେ ଆଗାମୀ ଦିନରେ ରାଜ୍ୟ ଟିମ୍‌ରେ ସ୍ଥାନ ପାଇବେ।

# ବାଇକ୍‌ରେ ବୁଲିଲେ ବିଏମ୍‌ସି କମିଶନର

ବ୍ରହ୍ମପୁର ଅଫିସ୍,୫।୮

ବ୍ରହ୍ମପୁର ମହାନଗରରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ସମସ୍ୟାକୁ ବିଏମ୍‌ସି ଅଧିକାରୀ ଗୁରୁବାର ତଦାରଖ କରିଛନ୍ତି। ବାଇକ୍‌ରେ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଓ ଡେପୁଟି କମିଶନର ସହରର ଫାଷ୍ଟ

**ସଫେଇ ଓ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ**

ଗେଟ୍‌ଠାରୁ ଆରମ୍ଭ କରି ବିଭିନ୍ନ ମୁଖ୍ୟ ରାସ୍ତାର ଡ୍ରେନ ଓ ଅନ୍ୟାନ୍ୟ ସଫେଇ ବ୍ୟବସ୍ଥାକୁ ତଦାରଖ କରିଥିଲେ। ଏହାପରେ ଗାନ୍ଧୀ ନଗର ଅଞ୍ଚଳରେ ହେଉଥିବା ଡ୍ରେନେଜ୍ କାର୍ଯ୍ୟକୁ ତଦାରଖ କରିଥିଲେ। ସହରର ମୁଖ୍ୟ ରାସ୍ତାରେ ଥିବା ସମସ୍ୟା ମଧ ବୁଲି ଦେଖିଥିଲେ। ଠିକ୍ ସମୟରେ ଡ୍ରେନ୍ ସଫେଇ ହେଉଛି କି ନାହିଁ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ବିଭିନ୍ନ ୱାର୍ଡ଼ରେ ରହିଥିବା ସମସ୍ୟା ସମାଧାନ କରାଯିବା ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ତେବେ ସହରର ବିଭିନ୍ନ ଅଞ୍ଚଳରେ ରହିଥିବା ସମସ୍ୟାକୁ ନେଇ ବହୁବାର ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ଅବଗତ କରାଯାଉଛି।



ବାଇକ୍‌ରେ ବିଏମ୍‌ସି କମିଶନର।

# ଆଦର୍ଶ ବିଦ୍ୟାଳୟରେ ୧୦୦ ପ୍ରତିଶତ ପାସ୍

ଖଜୁରୀପଡ଼ା/ ବଲସକୁମ୍ପା, ୫।୮ (ଡି.ଏନ.ଏ.)

କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଦୁତିମେଣ୍ଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମାଟ୍ରିକ ପରୀକ୍ଷା ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଫଳ ୧୦୦ ପ୍ରତିଶତ ହୋଇଥିବା ଜଣାପଡିଛି। ମୋଟ ୪୫ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସମସ୍ତେ ପାସ୍ କରିଛନ୍ତି। ଏଥିରେ ସର୍ବାଧିକ ଅର୍ପିତା ସାହୁ ୯୬.୬% ମାର୍କ ରଖି ପାସ୍ କରିଥିବା ବେଳେ ନିଖିଲ ରଞ୍ଜନ ପ୍ରଧାନ ୯୪.୨% ମାର୍କ ରଖି ପାସ୍ କରିଛନ୍ତି। କରୋନା ମହାମାରୀ ପ୍ରକୋପ ଯୋଗୁ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଏନେଇ ଅଭିଭାବକ ଚିନ୍ତାରେ ପଡ଼ିଯାଇଥିଲେ। ସେହିଭଳି ଛାତ୍ରୀଛାତ୍ରମାନେ ମଧ ଚିନ୍ତାରେ ରହିଥିଲେ। କିନ୍ତୁ ପରୀକ୍ଷାଫଳ ପ୍ରକାଶ ପାଇଲା ପରେ ଏବେ ସମସ୍ତଙ୍କ ମନରେ ଖୁସି ଦେଖିବାକୁ ମିଳିଛି।

# ବିକାଶର ରୋଲ୍ ମଡେଲ ହେବ ଗଞ୍ଜାମ: ପ୍ରଫୁଲ୍ଲ ମଲ୍ଲିକ

ବେଗୁନିଆପଡା,୫।୮ (ଡି.ଏନ.ଏ.)

କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ଭି.ସୁଜ୍ଞାନ କୁମାରୀ ଦେଓଙ୍କ ୮୪ତମ ଜନ୍ମ ଦିବସ ଉପଲକ୍ଷେ ଗୁରୁବାର ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ସୌରା ଛଟିନା ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଜୀବନବିନ୍ଦୁ, ଓଡ଼ିଶା ମୋ ପରିବାର ଓ ବ୍ଲକ ବିଜେଡି ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହାକୁ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ସୁଜ୍ଞାନ ଦେଓ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତ୍ରୀ, ଗଞ୍ଜାମ ସର୍ବଦା ବିକାଶର ରୋଲ ମଡେଲ ହେବ ବୋଲି ମନ୍ତ୍ରୀ ମଲ୍ଲିକ ପ୍ରକାଶ କରିଥିଲେ। ପୂର୍ବତନ ବିଡିଏ ଅଧକ୍ଷ ତଥା ଜୀବନବିନ୍ଦୁ ଜିଲା ସଂଯୋଜକ ସୁବାସ ମହାରଣା, ବ୍ରହ୍ମପୁର ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଜଗନ୍ନାଥ ସାବତ, ଜିଲା ସମ୍ପାଦକ ଯୋଗୀରାମ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ଜିଲା ପରିଷଦ ସଭ୍ୟ ମନୋଜ କୁମାର ପାଣ୍ଡି, ଗୀତାଞ୍ଜଳି ଭୂୟାଁ, ଜିଲା ମହିଳା ବିଜେଡି ସଭାନେତ୍ରୀ ଏମ୍.ସୁଜାତା ପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଯୋଗ ଦେଇଥିଲେ। ଏଥିରେ ୨୨୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।


ବେଗୁନିଆପଡ଼ାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ସଙ୍ଗଠନ ସୁଦୃଢ଼ ଲାଗି ମନ୍ତ୍ରୀଙ୍କ ପରାମର୍ଶ

ଆସିକା,୫।୮ (ଡି.ଏନ.ଏ.)

ରାଜ୍ୟ ଇସ୍ପାତ, ଖଣି ଓ ପୂର୍ତ୍ତବିଭାଗ ମନ୍ତ୍ରୀ ତଥା ଗଞ୍ଜାମ ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଫୁଲ ମଲିକ ଗୁରୁବାର ଅପରାହ୍ନରେ ଆସିକା ଗସ୍ତରେ ଆସିଥିଲେ । ଆସିକା ନିକଟ ଢଉଗାଁ ଡାକବଙ୍ଗଳାଠାରେ ମନ୍ତ୍ରୀ ମଲିକଙ୍କୁ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଆସିକା ଅଞ୍ଚଳର ନବନିର୍ବାଚିତ ଯୁବଛାତ୍ର ସଂଗଠନର କର୍ମକର୍ତ୍ତା ଓ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ଜିଲାପରିଷଦ ସଦସ୍ୟଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ତ୍ରୀ ଆଗାମୀ ଦିନରେ ହେବାକୁ ଥିବା ପୌର, ପଞ୍ଚାୟତ ଓ ସମବାୟ ନିର୍ବାଚନରେ ଦଳୀୟ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ କର୍ମୀମାନେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ବିଜେଡି ସଭାପତି ରାଜେଶ ପଟ୍ଟନାୟକ, ଯୁବ ବିଜେଡି ସଭାପତି ଶିବ ନାହାକ, ଭଗବାନ ସାହୁ, ସତ୍ୟନାରାୟଣ ସ୍ୱାଇଁ, ଦିଲୀପ ପାଣିଗ୍ରାହୀ, କଳ୍ପନା ଭୋଳ, ରଶ୍ମିତା ସେନାପତି, ମନୋଜ ଦୋରା, ଅଭିମନ୍ୟୁ ନାହାକ, ଶିବଶଙ୍କର ମହାନ୍ତି, ଗୌରହରି ବେହେରା, ଭଗବାନ ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ସାମିଲ ଥିଲେ ।

# ପିଡିଙ୍କୁ ଭେଟିଲା ବ୍ୟବସାୟୀ ମହାସଂଘ

ଛତ୍ରପୁର,୫।୮ (ଡି.ଏନ.ଏ.)

ଦୋକାନୀମାନଙ୍କ ପାଇଁ ବୃଦ୍ଧି କରାଯାଇଥିବା ୟୁଜର୍ସ ଫିଂକୁ ଛତ୍ରପୁର ବ୍ୟବସାୟୀ ମହାସଂଘ ପକ୍ଷରୁ ନାପସନ୍ଦ କରାଯାଇଛି। କରୋନା ମହାମାରୀ ଯୋଗୁ ଗତ ୨ ବର୍ଷ ହେଲା ଛତ୍ରପୁରର ବ୍ୟବସାୟୀମାନେ ବିଭିନ୍ନ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି । ଅପରପକ୍ଷରେ ୟୁଜର୍ସ ଫିଂକୁ ୩୬୦ରୁ ୧ହଜାର ଟଙ୍କାକୁ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ବୃଦ୍ଧି କରାଯାଇଛି। ଫଳରେ ଦୋକାନୀମାନଙ୍କ ସମସ୍ୟାକୁ ଆହୁରି ଦ୍ୱିଗୁଣ କରିଥିବା ମହାସଂଘ ପକ୍ଷରୁ କୁହାଯାଇଛି। ଏମାନଙ୍କ କହିବାନୁଯାୟୀ, ଟ୍ରେଡ୍ ଲାଇସେନ୍ସ ପ୍ରସ୍ତୁତ ବେଳେ ୧ ହଜାର ଟଙ୍କା ଫିଂ ସହ ୟୁଜର୍ସ ଫିଂ ବାବଦରେ ୩୬୦ ଟଙ୍କା ଏନ୍‌ଏସି କାର୍ଯ୍ୟାଳୟରେ ପୈଠ କରିଥିଲୁ । ଏବେ ଏହାକୁ ବୃଦ୍ଧି କରି ୟୁଜର୍ସ ଫିଂ ୧ ହଜାର ଟଙ୍କା ଦେବା ପାଇଁ ଏନ୍‌ଏସି କର୍ତ୍ତୃପକ୍ଷ କହିଛନ୍ତି । କରୋନା ମହାମାରୀ ବେଳେ ଏହା ପୈଠ କରିବା ସମ୍ଭବ ନୁହେଁ ବୋଲି ବ୍ୟବସାୟୀ ମହାସଂଘ ପକ୍ଷରୁ କୁହାଯାଇଛି । ଗୁରୁବାର ଅପରାହ୍ନରେ ଛତ୍ରପୁରର ବିଭିନ୍ନ ବ୍ୟବସାୟୀ ସଂଘର ଏକ ପ୍ରତିନିଧି ଦଳ ଡିଆରଡିଏ ପିଡି ତଥା ଛତ୍ରପୁର ଏନ୍‌ଏସିର ପ୍ରଶାସନିକ ଅଧିକାରୀ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ ସହ ଆଲୋଚନା କରିଥିଲେ। ୨ ବର୍ଷ ର ୟୁଜର୍ସ ଫିଂ ଛାଡ କରିବାକୁ ପିଡିଙ୍କୁ ଅନୁରୋଧ କରାଯାଇଥିଲା। ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ପିଡି କହିଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ବେଳେ ଛତ୍ରପୁର କିରାନା ବ୍ୟବସାୟୀ ସଂଘ ସଭାପତି ସୟଦ ମୁକ୍ତାର, ରାବଣାମ୍ମା ବ୍ୟବସାୟୀ ସଂଘ ସଭାପତି ପ୍ରଶାନ୍ତ କୁମାର ମୁଦୁଲି, ସୁନା ବ୍ୟବସାୟୀ ସଂଘ ସଭାପତି କେ.ରମେଶ ରାଓ, ବଡ ବଜାର ବ୍ୟବସାୟୀ ସଂଘ ସଭାପତି ପ୍ରଫୁଲ୍ଲ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।


ସ୍ମାରକପତ୍ର ଦେବାକୁ ଆସିଥିବା ବ୍ୟବସାୟୀ ସଂଘ ସଦସ୍ୟମାନେ।

**ୟୁଜର୍ସ ଫିଂ ଛାଡ଼ ଦାବି**

### ବିଜେଡି ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଧରାକୋଟ,୫।୮ (ଡି.ଏନ୍.ଏ.)

ଧରାକୋଟ ରାଜବାଟି ପରିସରରେ ବିଜେଡିର ନୂତନ କର୍ମକର୍ତ୍ତାଙ୍କୁ ରାଜ୍ୟ ମହିଳା ଉପଦେଷ୍ଟା ନନ୍ଦିନୀ ଦେବୀ ଏକ ସମାରୋହରେ ସମ୍ବର୍ଦ୍ଧିତ କରିଛନ୍ତି। ଜିଲା ଉପସଭାପତି ଭାବେ ରବୀନ୍ଦ୍ର ଘୋଷ, ସମ୍ପାଦକ ଭାବେ ଦିଲ୍ଲୀପ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଭାବେ ଅଶୋକ ସାବତ, ଧରାକୋଟ ବ୍ଲକ ଛାତ୍ର ସଭାପତି ମାନସ ରଞ୍ଜନ ଜେନା, ସମ୍ପାଦକ ବୈଦ୍ୟନାଥ ସିଂ, ସାନଖେମୁଣ୍ଡି ଯୁବ ସଭାପତି ସନ୍ତୋଷ ବିଶୋଇ, ଧରାକୋଟ ବ୍ଲକ ଯୁବ ସଭାପତି ଦୟାନିଧି ପ୍ରଧାନ, ସାଧାରଣ ସମ୍ପାଦକ ନୀଳାଞ୍ଚଳ ସ୍ୱାଇଁ, ସାନଖେମୁଣ୍ଡି ଛାତ୍ର ଉପସଭାପତି ସୌମ୍ୟଜ୍ୟୋତି ପ୍ରଧାନଙ୍କ ସମେତ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ନିର୍ବାଚନମଣ୍ଡଳୀର ପଟିଗୁଡା ଓ ଜଗମୋହନ ପଞ୍ଚାୟତର ବହୁ କର୍ମୀ ବିଜେଡିରେ ଯୋଗ ଦେଇଥିଲେ।

# ନ୍ୟାୟ ଦାବିରେ ଜାତୀୟ ରାଜପଥ ଅବରୋଧ

ପାରଳାଖେମୁଣ୍ଡି,୫।୮ (ଡି.ଏନ.ଏ.)

**ଶ୍ୱଶୁର ଘରେ ଯୁବକଙ୍କ ମୃତ୍ୟୁ ଘଟଣା**

ମୋହନା ଥାନା ଲୁହାଗୁଡି ଗ୍ରାମରେ ଗତ ୪ ତାରିଖରେ ଭାବୀ ଶ୍ୱଶୁର ଘରେ ଉସ୍ତପଦା ଗ୍ରାମର ସଞ୍ଜୟ ନାୟକଙ୍କ ମୃତ୍ୟୁ ଘଟିଥିଲା। ସଞ୍ଜୟଙ୍କ ପରିବାର ଲୋକେ ଏହା ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ସଞ୍ଜୟଙ୍କ ଭାବୀ ସ୍ତ୍ରୀ ରାଣୀ ପ୍ରଧାନଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଯିବା ପ୍ରତିବାଦରେ ଗୁରୁବାର ସଞ୍ଜୟଙ୍କ ପରିବାର ଓ ଉସ୍ତପଦା ଗ୍ରାମବାସୀ ମଧ୍ୟାହ୍ନ ପର୍ଯ୍ୟନ୍ତ ବ୍ରହ୍ମପୁର-ରାୟଗଡା ଜାତୀୟ ରାଜପଥକୁ ଅବରୋଧ କରି ପୋଲିସ ବିରୋଧରେ ନାରାବାଜି କରିଥିଲେ। ଖବରପାଇ ଘଟଣାସ୍ଥଳରେ ମୋହନା, ଅଡବା ଥାନା ଅଧିକାରୀ ପହଞ୍ଚିଥିଲେ। ପରେ ସ୍ଥାନୀୟ ତହସିଲଦାର, ଅତିରିକ୍ତ ତହସିଲଦାର ପହଞ୍ଚି ବହୁ ବୁଝାଶୁଝା କରି ସେମାନଙ୍କର ଘଟଣାର ତଦନ୍ତ କରି ନ୍ୟାୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା। ସୂଚନାଯୋଗ୍ୟ, ସଞ୍ଜୟ ଓ ରାଣୀ ପ୍ରଧାନ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଯାହାକୁ ରାଣୀଙ୍କ ପରିବାର ଲୋକେ ପୂର୍ବରୁ ବିରୋଧ କରିଆସୁଥିଲେ। କିଛି ମାସ ଗଲା ପରେ ବହୁ ବୁଝାଶୁଝା ପରେ ଉଭୟଙ୍କ ବିବାହ ନିମନ୍ତେ ନିର୍ବନ୍ଧ ସରିଥିଲା। ଆସନ୍ତା ଡିସେମ୍ବର ମାସରେ ବାହାଘର ହୋଇଥାନ୍ତା । ଗତ ଜୁଲାଇ ୩ରେ ଭାବୀ ଶାଳକଙ୍କ ଜନ୍ମଦିନ ପାଳନ ପାଇଁ ସଞ୍ଜୟ ଯାଇଥିଲେ । ପରଦିନ ଗାଁର କେହି ଜଣେ ଆସି ସଞ୍ଜୟ ବେକରେ ଚାଦର ବାନ୍ଧି ଗଛରେ ଝୁଲୁଥିବା ଯୁବତୀଙ୍କ ଘରେ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ମେଡିକାଲ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଭାବୀ ଶ୍ୱଶୁର ଘର ଲୋକେ ମୃତ ଖବର ଶୁଣି ମୃତଦେହକୁ ଛାଡ଼ି ଦେଇ ଚାଲି ଯାଉଥିବା ବେଳେ ସଞ୍ଜୟଙ୍କ ପରିବାର ସେମାନଙ୍କୁ ଅଟକ ରଖି ପୁଅଙ୍କୁ ହତ୍ୟା କରାଯାଇଥିବା ନେଇ ମୋହନା ଥାନାରେ ଅଭିଯୋଗ କରିଥିଲେ। ଘଟଣା ଘଟିବାର ପ୍ରାୟ ୨୭ଦିନ ପରେ ପୁଲିସ ୨ ଅଗଷ୍ଟରେ ରାଣୀକୁ ଗିରଫ କରିଥିଲା।



ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

## ସଂକ୍ଷେପରେ

### ଖବରଦାତାଙ୍କ ଘରୁ ୫ ଫୁଟ୍ ନାଗସାପ ଉଦ୍ଧାର

**ଦଶପଲ୍ଲା, ୫।୮ (ଡି.ଏନ.ଏ.):** ବୁଧବାର ରାତିରେ ହଠାତ୍ ଗୋଟିଏ ୫ ଫୁଟ ଲମ୍ବ ନାଗସାପଟିଏ ଦଶପଲ୍ଲାର ଖବରଦାତା ପ୍ରଫୁଲ୍ଲ କୁମାର ଦାଶଙ୍କ ଘର ଭିତରକୁ ପଶି ଆସିଥିଲା। ଦାଶ ଭୟଭୀତ ହୋଇ ଦଶପଲ୍ଲା ନାହାକପଡା ଧୋବାସାହିର କୃଷ୍ଣଚନ୍ଦ୍ର ସେଠୀଙ୍କୁ ଡାକିବାରୁ ସେ ଆସି ସାପଟିକୁ ଧରି ଜଙ୍ଗଲରେ ନେଇ ଛାଡି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସେଠୀ ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେଲା ଏଇ ସାପ ଧରିବା କାମ କରୁଛନ୍ତି। ପେସାରେ ସେ ଜଣେ ମିକ୍ସଚର ମେଶିନ୍ ଡ୍ରାଇଭର ହୋଇଥିଲେ ହେଁ ସାପ ଧରିବା ତାଙ୍କର ଏକ ସେବା। ନୟାଗଡ଼ ବନବିଭାଗ ପକ୍ଷରୁ କରାଯାଇଥିବା ସାପଧରା ତାଲିମ୍ ନେଇଥିବା ସହ ମେଗା ନର୍ସରୀରେ ଅନ୍ୟମାନଙ୍କୁ ତାଲିମ୍ ଦେଇଛନ୍ତି। ତାଙ୍କର ଦୁଃଖ ଏତିକି ଯେ ବନ ବିଭାଗ ତାଙ୍କ କାର୍ଯ୍ୟକୁ ଏବେବି ସ୍ୱୀକୃତି ପ୍ରଦାନ କରୁନାହିଁ। ବିଭାଗ ତାଙ୍କ କାର୍ଯ୍ୟକୁ ସ୍ୱୀକୃତି ଦେବା ଉଚିତ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଅବସରପ୍ରାପ୍ତ ଯନ୍ତ୍ରୀଙ୍କ ପରଲୋକ

**ଖଣ୍ଡପଡ଼ା,୫।୮ (ସ୍ୱ.ପ୍ର):** ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତସ୍ଥିତ କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମର ଅବସରପ୍ରାପ୍ତ ବିଦ୍ୟୁତ୍ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ(୭୫)ଙ୍କ ହୃଦ୍‌ଘାତରେ ଗୁରୁବାର ପୂର୍ବାହ୍ନ ୮ଟା୪୫ରେ ପରଲୋକ ହୋଇଯାଇଛି। ତାଙ୍କର ଦେହ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଭୁବନେଶ୍ୱର ଏମସ୍‌ରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ସ୍ମରଣିକା ଉନ୍ମୋଚନ

**ନୟାଗଡ଼ ଅଫିସ,୫।୮:** ଗୋଡିପଡାର ଶିକ୍ଷାବିତ୍ ବିଶ୍ୱନାଥ ମହାପାତ୍ରଙ୍କର ପ୍ରଥମ ଶ୍ରଦ୍ଧାବାର୍ଷିକୀରେ ଗୁରୁବାର ଏକ ସ୍ମରଣିକା କଲ୍ୟାଣ ମଣ୍ଡପରେ ଉନ୍ମୋଚନ ହୋଇଛି। ଏଥିରେ ରଣପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଭାତ ଦଳବେହେରା, ପୂର୍ବତନ ଗୋଡିପଡା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ନୂଆଗାଁ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଭିକାରୀ ସ୍ୱାଇଁ, ସାମାଜିକ କର୍ମୀ ସତ୍ୟବାଦୀ ସାହୁ, ସନ୍ତୋଷ ମହାପାତ୍ର ଅତିଥି ରୂପେ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅବସର ପ୍ରାପ୍ତ ଉପନିର୍ଦ୍ଦେଶକ ଏହାକୁ ପରିଚାଳନା କରିଥିଲେ।

### ପରିବେଶ ନିର୍ମଳ ରଖିବାକୁ ସଚେତନତା

**ନୟାଗଡ ଅଫିସ,୫।୮:** ୟୁଥ୍ ଫର୍ ଆକ୍ସନ ପକ୍ଷରୁ ନୟାଗଡ଼ ବ୍ଲକ ବଡପଣ୍ଡୁସର ବିଘ୍ନେଶ୍ୱର ମହାଦେବ ମନ୍ଦିରରେ ୫୦ଟି ଫୁଲ ଓ ଫଳ ଚାରା ରୋପଣ ହୋଇଛି। ସେହିପରି ମନ୍ଦିର ପରିସର ସଫେଇ କରାଯାଇ ପରିବେଶକୁ ନିର୍ମଳ ରଖିବାର ବାର୍ତ୍ତାକୁ ପ୍ରଚାର କରାଯାଇଛି। ଅନୁଷ୍ଠାନର ଉପସଭାପତି ପ୍ରଫୁଲ୍ଲ ଖୁଣ୍ଟିଆ, ସାଧାରଣ ସମ୍ପାଦକ ବିବନ ଘଡେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚାଷୀଙ୍କ କାମରେ ଲାଗୁନି କଇଁଫୁଲିଆ ଡ୍ୟାମ୍

- କେନାଲ, ଫୁକାର ସଫେଇ ହେଲାନି
- ନାଳରେ ଚାଲି ଯାଉଛି ବର୍ଷାଜଳ

**ନୟାଗଡ଼ ଅଫିସ, ୫।୮**

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଗୋଡିପଡା ପଞ୍ଚାୟତର କୋମଣ୍ଡା ନିକଟରେ କଇଁଫୁଲିଆ ଡ୍ୟାମ ରହିଛି। ଏହି ଡ୍ୟାମର ମରାମତି ଓ ପୁନରୁଦ୍ଧାର ହେଉ ନ ଥିବାବେଳେ କେନାଲ, ଫୁକାରକୁ ସଫା କରାଯାଉନାହିଁ। ଏଣୁ ଚାଷୀଙ୍କ କାମରେ ଡ୍ୟାମର ଜଳ ଲାଗୁନି। ବର୍ଷା ଜଳ କଇଁଫୁଲିଆ ନାଳରେ ଚାଲି ଯାଉଛି।

ମାଣ୍ଡୁ ମୁଣ୍ଡିଆ ଓ କୁରାଡ଼ୀଘସା ପାହାଡକୁ ସଂଯୋଗ କରାଯାଇ କଇଁଫୁଲିଆ ଡ୍ୟାମ କରାଯିବା ପାଇଁ ଲକ୍ଷ୍ୟ ରହିଥିଲା। ଦୁଇ ପାହାଡକୁ ସଂଯୋଗ କରାଯାଇ ବନ୍ଧ କରାଯାଇଥିଲେ ଗୋଡିପଡ଼ା ଓ ତା'ର ଆଖପାଖ ଅଞ୍ଚଳରେ ଜଳସେଚନର ଅସୁବିଧା ଦୂର କରାଯାଇ ପାରିଥାନ୍ତା। ଅନ୍ୟପକ୍ଷେ ବର୍ତ୍ତମାନ ଯେଉଁ ବନ୍ଧ ରହିଛି ସେଥିରେ ଉଚ୍ଚତା କରାଗଲେ ଅଧିକ ପାଣି ଜମି ରହି ପାରନ୍ତା।



ଗୋଡ଼ିପଡ଼ାକୁ ଯାଇଥିବା କେନାଲ ଘାସରେ ଭରପୂର।

ହେଲେ ବନ୍ଧର ମୁଖ୍ୟ ଫେରର ଉଚ୍ଚତା ଆଉ ୨ରୁ ୩ ଫୁଟ ବୃଦ୍ଧି କରାଯିବାର ଆବଶ୍ୟକତା ରହିଥିଲେ ହେଁ ଏଯାବତ ବୃଦ୍ଧି କରାଯାଉନାହିଁ। ଏହି ଡ୍ୟାମ ଦ୍ୱାରା କୋମଣ୍ଡା, ଜାକେଡା ଓ ପାଣଗାଁପଲ୍ଲୀର ୪୩ ଏକର ୫୧ଡେସିମିଲ, ହରିଡାବନ୍ଧର ୧୭୨ ଏକର ୨୮ଡେସିମିଲ ପାଣି ମାଡୁଛି ବୋଲି ସରକାରୀ ଭାବେ କୁହାଯାଉଛି। ସେହିପରି ଜାଗ୍ରୀଖଇରପଟିର ୮୧ ଏକର ୧୬ ଡେସିମିଲ, ଗୋଡିପଡାର ୧୨୪ ଏକର ୯୧ ଡେସିମିଲ ଚାଷ ଜମିରେ ପାଣି ମାଡୁଛି।

ବାସ୍ତବରେ ଦେଖିବାକୁ ଗଲେ ଉପରୋକ୍ତ ଅଞ୍ଚଳର ମାତ୍ର ୧୦୦ ଏକର ଜମିରେ ପାଣି ମାଡିବାକୁ ଛାଡି ଦେଲେ ଅନ୍ୟ ସ୍ଥାନକୁ ପାଣି ଯାଉନାହିଁ ବୋଲି ଅଭିଯୋଗ ହେଉଛି। ଏହି ଅଞ୍ଚଳରେ ଜଳ ନ ମାଡି ଜଳକର ଆଦାୟ ହେଉଥିବାରୁ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଛି। ଏହି ଡ୍ୟାମର ଗୋଡିପଡା ଓ କେଶପାନିଆଁ ଏପରି ଦୁଇଟି କେନାଲ ରହିଛି। ବର୍ଷା ଋତୁରେ ଡ୍ୟାମରେ ପାଣି ରହିଥିଲେ ହେଁ ଗୋଡିପଡା କେନାଲକୁ ଆସୁନାହିଁ। କେନାଲରେ ୫ଟି ଫୁକାର ଅଛି। କେନାଲ ଓ ଫୁକାର ସଫେଇ ଚଳିତବର୍ଷ କରାଯାଇନାହିଁ। ସେହିପରି ଗୋଡିପଡା କେନାଲର ଦୁଇଟି ଶାଖା କେନାଲ ରହିଛି। ପୂର୍ବ କେନାଲ ଖାଲରେ ରହିଥିବାବେଳେ ପଶ୍ଚିମ କେନାଲ ଉଚ୍ଚରେ ରହିଛି। ଫଳରେ ପଶ୍ଚିମ କେନାଲ ଦ୍ୱାରା ଜମିରେ ପାଣି ମାଡିବା ସମ୍ଭବ ହୋଇପାରୁନାହିଁ। ଏ ନେଇ ଗୋଡିପଡାର ଚାଷୀ ମଦନ ଦୋରା କୁହନ୍ତି, ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଗଲେ ମଧ୍ୟ କେନାଲ ସଫେଇ ହେଉନି। ବନ୍ଧର ଉନ୍ନୟନ କାମ ହେଉନି ବୋଲି ସେ କହିଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ



ବୈଠକରେ ଉପସ୍ଥିତ ବରଷ୍ଠ ନାଗରିକମାନେ।

**ଦଶପଲ୍ଲା, ୫।୮ (ଡି.ଏନ.ଏ.)**

ଦଶପଲ୍ଲାରେ ଥିବା ମହାବୀର ବରିଷ୍ଠ ନାଗରିକ ମଞ୍ଚ ସ୍ୱାଧୀନତା ଦିବସକୁ ନିରାଡମ୍ବର ଭାବେ ପାଳନ କରିବା ସହ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଗୁରୁବାର ଆଲୋଚନା କରାଯାଇଥିଲା। ପ୍ରଥମେ ଦିବଂଗତ ବରିଷ୍ଠ ନାଗରିକମାନଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କୁଆଁରିଆ ନଦୀ ଉପରେ ମୋଚିସାହି ପାଖରେ ହେବାକୁ ଥିବା ପୋଲ କାର୍ଯ୍ୟ ତୁରନ୍ତ ଆରମ୍ଭ ନ କଲେ ମଞ୍ଚ ରାଜରାସ୍ତାକୁ ଓହ୍ଲାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ବରିଷ୍ଠ ନାଗରିକମାନଙ୍କୁ ସର୍ବନିମ୍ନ ୨୫ ଶହ ଟଙ୍କା ମାସିକ ଭତ୍ତା ଦେବା ପାଇଁ ସରକାରଙ୍କୁ ଅନୁରୋଧ କରିବାକୁ ସ୍ଥିର କରାଯାଇଛି। ସଭାପତି ପ୍ରାଣକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସୀତାରାମ ଲାଲ୍, ଗଙ୍ଗାଧର ମିଶ୍ର, ରାମଚନ୍ଦ୍ର ମହାପାତ୍ର, ରଙ୍କନିଧି ସାହୁ, ଡା. ଅନ୍ତର୍ଯ୍ୟାମୀ ଭୂୟାଁ, ବ୍ରଜକିଶୋର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମଦିନରେ ଆସିଥିବା ୨ ପର୍ଯ୍ୟଟକଙ୍କୁ ସ୍ୱାଗତ

## ଖୋଲିଲା ସାତକୋଶିଆ ସ୍ୟାଣ୍ଡ ରିସର୍ଟ

**ଗଣିଆ, ୫।୮ (ଡି.ଏନ.ଏ.)**

ରାଜ୍ୟର ପ୍ରମୁଖ ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ର ମଧ୍ୟରେ ସ୍ଥାନ ପାଇଥିବା ଗଣିଆ ବ୍ଲକ ସାଉଥ୍ ବଡମୂଳ ମଙ୍ଗାନାସୀଠାରେ ଥିବା ସାତକୋଶିଆ ସ୍ୟାଣ୍ଡ ରିସର୍ଟ ଗୁରୁବାର ଖୋଲିଛି। କୋଭିଡ୍ କଟକଣା ପାଇଁ ୩ ମାସ ଧରି ବନ୍ଦ ଥିବା ସ୍ୟାଣ୍ଡ ରିସର୍ଟକୁ ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ମିଳିବା ପରେ ଖୋଲାଯାଇଛି। ଗୁରୁବାର ପ୍ରଥମ ଦିବସରେ ଭୁବନେଶ୍ୱରର ୨ଜଣ ପର୍ଯ୍ୟଟକ ଏହି ପର୍ଯ୍ୟଟନ କେନ୍ଦ୍ରକୁ ଆସିଥିବା ଦେଖିବାକୁ ମିଳିଛି। ନବାଗତ ଅତିଥି ଦ୍ୱୟଙ୍କୁ ଏହି ପର୍ଯ୍ୟଟନ କେନ୍ଦ୍ର ପରିଚାଳନା କମିଟି ପକ୍ଷରୁ ଫୁଲ, ଚନ୍ଦନ ଓ ଦୂବ ଅରୁଆ ଚାଉଳ ସହ ବନ୍ଦାପନା କରି ସ୍ୱାଗତ କରି ପାଛୋଟି ନିଆଯାଇଥିଲା। ତେବେ କୋଭିଡ୍ କଟକଣା ପାଇଁ ଖାଁ ଖାଁ ଲାଗୁଥିବା ଏହି ପର୍ଯ୍ୟଟନ କେନ୍ଦ୍ର ପୁଣି ଚଳଚଞ୍ଚଳ ହୋଇଉଠିଛି। ଅପରପକ୍ଷେ ପର୍ଯ୍ୟଟନ କେନ୍ଦ୍ର ପରିଚାଳନା କରୁଥିବା ମା' ସାତଭଉଣୀ ଇଡିସିର ସଭ୍ୟାସଭ୍ୟମାନେ ଦୀର୍ଘ ୩ ମାସ ରୋଜଗାର ହରାଇ ହାତବାନ୍ଧି ବସି ରହିଥିଲେ। ପର୍ଯ୍ୟଟନ କେନ୍ଦ୍ର ଖୋଲିବା ପରେ ସେମାନଙ୍କ ମନରେ ଖୁସିର ଲହରି ଖେଳିଯାଇଛି। ପର୍ଯ୍ୟଟକଙ୍କୁ କୋଭିଡ୍ ସଂକ୍ରମଣରୁ ସୁରକ୍ଷା ଦେବା ନିମନ୍ତେ ସରକାରଙ୍କର କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ, ପର୍ଯ୍ୟଟକମାନଙ୍କୁ ଥର୍ମାଲ ସ୍କ୍ରିନିଂ କରାଯିବା ସହ ମାସ୍କ ଓ ସାନିଟାଇଜର ବ୍ୟବହାର କରିବାକୁ ପର୍ଯ୍ୟଟନ କେନ୍ଦ୍ରର ବ୍ୟବସ୍ଥା ରହିଛି। ସୂଚନାଥାଉକି, ପର୍ଯ୍ୟଟନ କେନ୍ଦ୍ର ପରିସରରେ ପର୍ଯ୍ୟଟକମାନଙ୍କ ପାଇଁ ପୂର୍ବରୁ ଥିବା ବିଭିନ୍ନ ସୁବିଧା ସୁଯୋଗ ସହ ଚଳିତବର୍ଷ ଶିଶୁମାନଙ୍କ ଲାଗି ଶିଶୁ ଉଦ୍ୟାନରେ ଦୋଳି, ବର୍ମା ବ୍ରିଜ୍ ଓ କମାଣ୍ଡର ଟାୱାର ଆଦି ନୂତନ କରି ନିର୍ମାଣ କରାଯାଇଛି।



ସ୍ୟାଣ୍ଡ ରିସର୍ଟକୁ ବୁଲିବାକୁ ଆସିଥିବା ୨ ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଉଛି।

### କରୋନାରେ ଜଣେ ମୃତ, ୨୮ ଆକ୍ରାନ୍ତ

**ନୟାଗଡ଼ ଅଫିସ,୫।୮**

ନୟାଗଡ଼ ଜିଲାରେ କରୋନାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୮ ଆକ୍ରାନ୍ତ ହୋଇଥିବା ଗୁରୁବାର ରିପୋର୍ଟରେ ଦର୍ଶାଯାଇଛି । କରୋନାର ଦ୍ୱିତୀୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫,୭୦୬ରେ ପହଞ୍ଚିଛି। ରିପୋର୍ଟ ଅନୁସାରେ ଦଶପଲ୍ଲା ବ୍ଲକରେ ଜଣେ, ଖଣ୍ଡପଡାରେ ୫, ନୟାଗଡ଼ରେ ୪, ନୂଆଗାଁରେ ୩, ଓଡ଼ଗାଁରେ ୩, ରଣପୁର ବ୍ଲକରେ ୯ଜଣ ଓ ନୟାଗଡ଼ ମ୍ୟୁନିସିପାଲିଟିରେ ୩ଜଣ ଅଛନ୍ତି। ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ଦ୍ୱିତୀୟ ଲହରରେ ନୟାଗଡ଼ଜିଲାରୁ ୧୫୩ ଜୀବନ ଦୀପ ଲିଭି ସାରିଲାଣି।

### ଯୁବତୀଙ୍କ ଆତ୍ମହତ୍ୟା

**ଗଞ୍ଜାମ,୫।୮ (ଡି.ଏନ.ଏ.)**

ଗଞ୍ଜାମ ଥାନା ଅନ୍ତର୍ଗତ ପୁଇଁତୋଳା ଗ୍ରାମର ଜଣେ ଜଣେ ଯୁବତୀ ଗୁରୁବାର ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ମଧ୍ୟାହ୍ନରେ ଘରେ କେହି ନ ଥିବା ବେଳେ ଭଉଣୀ ଆତ୍ମହତ୍ୟା କରିଥିବା ଭାଇ କହିଛନ୍ତି। ଥାନା ଆଇଆଇସି ଶୁଭେନ୍ଦୁ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସାଇଣ୍ଟିଫିକ ଟିମକୁ ଅବଗତ କରାଇଛନ୍ତି। ଏ ନେଇ ନଂ. ୫/୨୧ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଲଣ୍ଡା ପାହାଡ଼ ବନୀକରଣ କାର୍ଯ୍ୟ ଅନୁଧ୍ୟାନ



ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ଅନ୍ୟମାନେ ଲଣ୍ଡାପାହାଡକୁ ବୁଲି ଦେଖୁଛନ୍ତି।

**ନୟାଗଡ଼ ଅଫିସ, ୫।୮**

**ପ୍ରଧାନ ମୁଖ୍ୟ ବନସଂରକ୍ଷକଙ୍କ ସମୀକ୍ଷା**

ନୟାଗଡ଼ ଜିଲାକୁ ଏକ ଦିବସୀୟ ଗସ୍ତରେ ଆସି ପ୍ରଧାନ ମୁଖ୍ୟ ବନସଂରକ୍ଷକ ଶିଶିର କୁମାର ରଥ ଓ ଆଞ୍ଚଳିକ ବନ ସଂରକ୍ଷକ ବନ ବିଭାଗର କାର୍ଯ୍ୟ ସମୀକ୍ଷା କରିଛନ୍ତି। ନୟାଗଡ଼ ରେଞ୍ଜ ଖେଡପଡ଼ା ସେକ୍ସନ ରୋହିସାହିଠାରେ ଲଣ୍ଡା ପାହାଡ ବନୀକରଣକୁ ଅନୁଧ୍ୟାନ କରିଥିଲେ। ସେହିପରି ଗଣିଆ ରେଞ୍ଜ ଆଡକଟା ନର୍ସରୀ, ମହୀପୁର ରେଞ୍ଜର ସମ୍ପଡା ମେଗା ନର୍ସରୀ, ଦଶପଲ୍ଲା କୁଆଁରିଆ ନର୍ସରୀ, ଖଣ୍ଡପଡା ରେଞ୍ଜ ଦୁର୍ଗାପୁର ନର୍ସରୀ ବୁଲି ଦେଖିଥିଲେ। ଅନ୍ୟପକ୍ଷେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ବିଜିପୁରଠାରୁ ମହୀପୁର ପର୍ଯ୍ୟନ୍ତ ପଥ ପାର୍ଶ୍ୱ ବନୀକରଣକୁ ମଧ୍ୟ ବୁଲି ଦେଖିଥିଲେ।

# ବିଶୋଧିତ ହେଲା ବୁଗୁଡ଼ା ସେବାଶ୍ରମ

**ଦଶପଲ୍ଲା, ୫।୮ (ଡି.ଏନ.ଏ.)**

ଦଶପଲ୍ଲା ଟାକରା ନିକଟସ୍ଥ ବୁଗୁଡାଠାରେ ଥିବା କନ୍ୟାଶ୍ରମର ୨ଜଣ ଅନ୍ତେବାସୀ ବୁଧବାର କରୋନା ସଂକ୍ରମିତ ହୋଇଥିବାରୁ ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ସମ୍ପୃକ୍ତ ବିଦ୍ୟାଳୟ ପରିବେଶକୁ ବିଶୋଧିତ କରିବା ପାଇଁ ଅନୁରୋଧ କରାଯାଇଥିଲା। ଗୁରୁବାର ଅଗ୍ନିଶମ କର୍ମଚାରୀ ପହଞ୍ଚି ଉକ୍ତ ସେବାଶ୍ରମକ ବିଶୋଧନ କରିଥିଲେ। ସେହିପରି ସିଡିପିଓ କାର୍ଯ୍ୟାଳୟକୁ ମଧ୍ୟ ବିଶୋଧନ କରାଯାଇଛି ବୋଲି ଅଗ୍ନିଶମ ଅଧିକାରୀ କାହ୍ନୁଚରଣ ଲେଙ୍କାଙ୍କ ସୂତ୍ରରୁ ପ୍ରକାଶ।



ସେବାଶ୍ରମ ଛାତ୍ରୀନିବାସକୁ ସାନିଟାଇଜ୍ କରାଯାଉଛି।

# ବିଦ୍ୟୁତ୍ ବିଲ୍ ଆସୁଛି ୯୨ ହଜାରରୁ ଊର୍ଦ୍ଧ୍ୱ

**ଚିନ୍ତାରେ ପାଣି ପଞ୍ଚାୟତ**

**ଖଣ୍ଡପଡ଼ା,୫।୮ (ସ୍ୱ.ପ୍ର.)**

ଦୀର୍ଘ ୮ବର୍ଷ ହେଲା ଉଠା ଜଳସେଚନ ପ୍ରକଳ୍ପର ବିଦ୍ୟୁତ୍ ତାର ଚୋରି ହେବା ପରେ ବିପର୍ଯ୍ୟସ୍ତ ଅବସ୍ଥାରେ ଅଚଳ ହୋଇପଡିଛି। ହେଲେ ବିଦ୍ୟୁତ୍ ବିଲ୍ ଆସୁଛି ୯୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା। ଏ ନେଇ ପାଣି ପଞ୍ଚାୟତର ସଦସ୍ୟମାନେ ଚିନ୍ତାରେ ପଡିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଦୁର୍ନୀତି ଚଳାଇଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, କୃଷି ଓ କୃଷକମାନଙ୍କର ଉନ୍ନତି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ତୃଣମୂଳସ୍ତରରେ ସମସ୍ତ ସରକାରୀ ଯୋଜନାର ସୁଫଳ ଲୋକେ ପାଉନାହାନ୍ତି। ଖଣ୍ଡପଡା ବ୍ଲକ ସିଧାମୂଳା ପଞ୍ଚାୟତର ସିଧାମୂଳା-୧, ସିଧାମୂଳା-୨, ଘୋଡାମାରୀଦ୍ୱାର-୧, ଘୋଡାମାରୀଦ୍ୱାର-୨, ବଳରାମପ୍ରସାଦ-୧ ଓ ଘୋଡାମାରୀଦ୍ୱାର-୩ ଏପରି ୬ଟି ଉଠା ଜଳସେଚନ ପ୍ରକଳ୍ପ ୨୦୧୨ରୁ ପ୍ରତିଷ୍ଠା କରାଯାଇ ସମ୍ପୃକ୍ତ ଅଞ୍ଚଳର ୩ଟି ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା। ସିଧାମୂଳାଠାରେ ଥିବା ଏକ ସ୍ୱତନ୍ତ୍ର ସବ୍‌ଷ୍ଟେଶନରୁ ଏହି ସବୁ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ମାତ୍ର ସମ୍ପୃକ୍ତ ପ୍ରକଳ୍ପଗୁଡିକ ପାଣି ପଞ୍ଚାୟତ ଦାୟିତ୍ୱ ନେବା ପରଠାରୁ ଆଦୌ ଚାଲି ନାହିଁ। ପ୍ରକଳ୍ପ ଦାୟିତ୍ୱ ନେବାର ୧ରୁ ୨ ମାସ ପରେ ବିଦ୍ୟୁତ୍ ତାର ଚୋରି ହେବା ସହ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପ୍ରକଳ୍ପଗୁଡିକ ଦୀର୍ଘ ୮ ବର୍ଷରୁ ଊର୍ଦ୍ଧ୍ୱ ହେଲା ଅଚଳ ହୋଇ ପଡିରହିଛି। ମାତ୍ର ୨୦୨୦ ନଭେମ୍ବରରେ ବଳରାମପ୍ରସାଦ-୧ ବରଦାତ୍ରୀ ମା' ମଙ୍ଗଳା ପାଣିପଞ୍ଚାୟତର ସଭାପତି ସନାତନ ଲେଙ୍କାଙ୍କ ନାମରେ ୭୩,୨୩୩ ଟଙ୍କା ବିଦ୍ୟୁତ୍ ବିଲ୍ ଆସିଥିଲା। ସେହିପରି ସିଧାମୂଳା ମା' ମଙ୍ଗଳା ପାଣି ପଞ୍ଚାୟତର ସଭାପତି ଦୟାନିଧି ନାୟକଙ୍କ ନାମରେ ଜୁନ ସୁଦ୍ଧା ବିଦ୍ୟୁତ୍ ବିଭାଗ (ଟିପିସିଓଡିଏଲ)ର ୯୨, ୮୫୪ଟଙ୍କା ବିଲ୍ ଆସିଛି। ଏହାକୁ ନେଇ ସମ୍ପୃକ୍ତ ପାଣି ପଞ୍ଚାୟତର ସଦସ୍ୟମାନେ ଚିନ୍ତାରେ ପଡିଛନ୍ତି।

ପ୍ରତିବର୍ଷ ଉଠା ଜଳସେଚନ ପ୍ରକଳ୍ପଗୁଡିକର ମରାମତି ବାବଦରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର ଅନୁଦାନ ଅର୍ଥକୁ ବିଭାଗୀୟ କର୍ତ୍ତୃପକ୍ଷ ଓ ପାଣି ପଞ୍ଚାୟତ ଦାୟିତ୍ୱରେ ଥିବା ସଦସ୍ୟମାନେ କାଗଜପତ୍ରରେ ଜାଲିଆତି କରି ଲୁଟ୍ କରୁଥିବା ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଅଭିଯୋଗ ଉଠାଇଛନ୍ତି। ଏ ସମ୍ପର୍କରେ ନୟାଗଡ଼ ଉଠାଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ଦାଶଙ୍କୁ ପଚାରିବାରେ ବିଭାଗ ପକ୍ଷରୁ ପ୍ରକଳ୍ପ ନିର୍ମାଣ କରାଯାଇ ବିଦ୍ୟୁତ୍ ସଂଯୋଗ ପରେ ପାଣି ଟେଷ୍ଟିଂ ଲାଗି ସମ୍ପୃକ୍ତ ପାଣିପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ପରେ ପ୍ରକଳ୍ପର ସମସ୍ତ ଦାୟିତ୍ୱ (ଜମିକୁ ଜଳସେଚନ କରିବାଠାରୁ ଆରମ୍ଭ କରି ପ୍ରକଳ୍ପର ମରାମତି ଓ ରକ୍ଷଣାବେକ୍ଷଣ ସହ ବିଦ୍ୟୁତ୍ ବିଲ ପୈଠ) ପାଣି ପଞ୍ଚାୟତ ଉପରେ ନ୍ୟସ୍ତ କରାଯାଇଛି। ବିଭାଗର କୌଣସି ଦାୟିତ୍ୱ ନାହିଁ। ଏହାଛଡା ସରକାରଙ୍କ କୌଣସି ଅନୁଦାନ ରାଶି ପ୍ରକଳ୍ପକୁ ଦିଆଯାଇ ନାହିଁ ବୋଲି ସେ କହିଛନ୍ତି। ତେବେ ଅଚଳ ହୋଇପଡିଥିବା ଉଠା ଜଳସେଚନ ପ୍ରକଳ୍ପଗୁଡିକୁ ପୁଣି କାର୍ଯ୍ୟକ୍ଷମ କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଆନ୍ତରିକତା ପ୍ରକାଶ କରୁ ନ ଥିବା ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିପ୍ରତି ଉଠାଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସିଧାମୂଳା ପଞ୍ଚାୟତର ଶତାଧିକ ଚାଷୀ ଦାବି କରିଛନ୍ତି। ଅପରପକ୍ଷରେ ସମ୍ପୃକ୍ତ ପ୍ରକଳ୍ପକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାରକୁ ଦୀର୍ଘବର୍ଷ ପୂର୍ବେ ଦୁର୍ବୃତ୍ତମାନେ କାଟି ନେଇଛନ୍ତି। ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ବିନୋଦ ମହାରଣାଙ୍କୁ ପଚାରିବାରେ ପାଣି ପଞ୍ଚାୟତ ଆବଶ୍ୟକ ମନେ କଲେ ପୁଣି ବିଦ୍ୟୁତ୍ ତାର ସଂଯୋଗ ଦିଆଯିବ। ଆସୁଥିବା ବିଲ୍‌କୁ ସଂଶୋଧନ କରାଯିବ ବୋଲି ସେ କହିଛନ୍ତି।

**୮ ବର୍ଷ ହେଲା ଏଲ୍ଆଇ ପଏଣ୍ଟକୁ ବିଦ୍ୟୁତ୍ ଲାଇନ ନାହିଁ**



ବିଦ୍ୟୁତ୍ ସବ୍ ଷ୍ଟେଶନ ଉପରେ ଲତା ମାଡିଗଲାଣି।